THE SUNDAY SECTION OF NITIDIN

• ମନୋରଞ୍ଜନ



ରାଜ୍ କରିବେ ବବି

# ନିତିଦିନ ନଜର

ରବିବାର ମ୍ୟାଗାଜିନ୍ | ରବିବାର, ୬ ଅକ୍ଟୋବର, ୨୦୨୪

# ଶକ୍ତି ରୂପେଣ ସଂସ୍ଥିତା



# ସ୍ୱାମୀ ବିବେକାନନ୍ଦ

**ମନୋଜ କୁମାର ମହାପାତ୍ର**



ଜଗତ ମଧ୍ୟରେ ବିଦ୍ୟମାନ ସେହି ଏକମାତ୍ର ବସ୍ତୁ। ଜୀବନ୍ତ ଈଶ୍ୱର ଆମ୍ଭମାନଙ୍କ ସଙ୍ଗରେ ରହିଛନ୍ତି, ତଥାପି ଆମ୍ଭେମାନେ ମନ୍ଦିର, ଗୀର୍ଜା, ମସଜିଦ୍ ନିର୍ମାଣ କରୁଅଛୁ ଏବଂ ସର୍ବପ୍ରକାର କାଳ୍ପନିକ ମିଥ୍ୟା ବସ୍ତୁରେ ବିଶ୍ୱାସ କରୁଛୁ। ମାନବାତ୍ମା ଅଥବା ମାନବ ଦେହ ହିଁ ଏକମାତ୍ର ଉପାସ୍ୟ ଈଶ୍ୱର। ଅବଶ୍ୟ ତୀର୍ଯ୍ୟକ୍ ପ୍ରାଣୀମାନେ ଭଗବାନଙ୍କର ମନ୍ଦିର ସତ, କିନ୍ତୁ ମନୁଷ୍ୟ ହିଁ ସର୍ବଶ୍ରେଷ୍ଠ, ମନ୍ଦିର-ମନ୍ଦିର ମଧ୍ୟରେ ତାଜମହଲ୍ ସ୍ୱରୂପ। ଯଦି ତାହାର ଉପାସନା ମନୁଷ୍ୟ ମଧ୍ୟରେ କରି ନପାର, ତେବେ କୌଣସି ମନ୍ଦିରର କିଛି ଉପକାର ହେବନାହିଁ। ଯେଉଁ ମୁହୂର୍ତ୍ତରେ ପ୍ରତ୍ୟେକ ମନୁଷ୍ୟ ଦେହ ରୂପକ ମନ୍ଦିରରେ ଉପବିଷ୍ଟ ଈଶ୍ୱରଙ୍କୁ ଉପଲବ୍ଧି କରିପାରିବ, ଯେଉଁ ମୁହୂର୍ତ୍ତରେ ପ୍ରତ୍ୟେକ ମନୁଷ୍ୟ ସମ୍ମୁଖରେ ଭକ୍ତି ଭାବରେ ଠିଆ ହୋଇପାରିବ ଏବଂ ବାସ୍ତବରେ ତାହା ମଧ୍ୟରେ ଈଶ୍ୱରଙ୍କୁ ଦେଖିପାରିବ, ସେହି ମୁହୂର୍ତ୍ତରେ ମନୁଷ୍ୟ ସମୁଦାୟ ବନ୍ଧନରୁ ମୁକ୍ତ ହେବ। ଜୀବ ଦୟାର ପାତ୍ର ନୁହନ୍ତି। 'ଦୟା' ଶବ୍ଦ ଉଚ୍ଚାରଣ ମାତ୍ରେ ମଣିଷ ମନରେ ଜାତହୁଏ ଅହଙ୍କାର। ମାନବ ନିଜେ ତ ନଗଣ୍ୟ, ପୁଣି ଅନ୍ୟକୁ ଦୟା କରିବ କ'ଣ ? ଯେଉଁ ଈଶ୍ୱର ବିଭିନ୍ନ ଜୀବ ରୂପରେ ଆମ ସମ୍ମୁଖରେ ପ୍ରକାଶମୟ, ତାଙ୍କରି ହିଁ ସେବା ଆମର କାମ୍ୟ। ଜୀବକୁ ଭଗବାନଙ୍କର ଅଂଶ ସ୍ୱରୂପ ଭାବି, ଯିଏ ଆନ୍ତରିକ ଭାବେ ସେବା କରେ, ଅଳ୍ପ ସମୟ ମଧ୍ୟରେ ତା'ର ହୃଦୟ ଓ ମନ ହୋଇଯାଏ ନିର୍ମଳ ଓ ପବିତ୍ର ଏବଂ ସେ ଭଗବତ୍ ଦର୍ଶନ କରି ସତ୍-ଚିତ୍ ଆନନ୍ଦ ସାଗରରେ ମଗ୍ନ ହୋଇଯାଏ। ସେହିଭଳି ଭକ୍ତିମାର୍ଗ ଉପରେ ଶ୍ରୀ ରାମକୃଷ୍ଣଙ୍କର 'ଶିବ ଜ୍ଞାନେ ଜୀବ ସେବା' ଦର୍ଶନ ନୂତନ ଆଲୋକପାତ କରିବ ବୋଲି ନରେନ୍ଦ୍ର ହୃଦୟଙ୍ଗମ କଲେ। ଭଗବାନଙ୍କର ଶକ୍ତି ସର୍ବଜୀବରେ ବିଦ୍ୟମାନ। ଭକ୍ତ, ଜୀବ ମଧ୍ୟରେ ଭଗବାନ ବିରାଜିତ ବୋଲି ଭାବି ସସ୍ନେହେ ସେବା କରିବ। ପଥର ମୂର୍ତ୍ତି ସମ୍ମୁଖରେ ପୁଷ୍ପ, ଧୂପ, ନୈବେଦ୍ୟ ଦେଇ ଭକ୍ତିରେ ମଗ୍ନ ହେବା ଅପେକ୍ଷା, ଈଶ୍ୱରରୂପୀ ଜୀବନ୍ତ ମାନବ ଯେଉଁମାନେ ଦାରିଦ୍ର୍ୟ କଷାଘାତରେ ଜର୍ଜରିତ, ସେମାନଙ୍କର ସେବା କରି ମୁଖରେ ହସ ଖେଳାଇ ପାରିଲେ ଜୀବସେବା ସାର୍ଥକ ହେବ।

କର୍ମଯୋଗୀ ମଧ୍ୟ ଶ୍ରୀ ରାମକୃଷ୍ଣଙ୍କର ମୁଖନିଃସୃତ 'ଶିବ ଜ୍ଞାନେ ଜୀବ ସେବା' ବାଣୀ ଦ୍ୱାରା ଉପକୃତ ହେବେ। କର୍ମ ହିଁ ଈଶ୍ୱର। ନିୟତ କର୍ମ ହିଁ ଜୀବନର ଲକ୍ଷ୍ୟ। ମାନବ ସଦା କର୍ମମୁଖର। ଜୀବ ମଧ୍ୟରେ ବିରାଜିତ ଭଗବତ୍ ଶକ୍ତିକୁ ଜ୍ଞାନୀ ଚିହ୍ନିପାରେ। ତେଣୁ ସବୁ କର୍ମ ହିଁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମାପିତ ହେଉଛି ଭାବି, ନିଃସ୍ୱ, ଦରିଦ୍ର, ଚଣ୍ଡାଳ, ମୂର୍ଖ, ପଣ୍ଡିତ ବ୍ରାହ୍ମଣ ସମସ୍ତଙ୍କୁ ପୂଜା କରିବ। ସ୍ୱାର୍ଥପରତା ସମ ନାରକୀୟ ଗଣ୍ଡି ଭିତରୁ ମାନବ ହେବ ଉତ୍ଥିତ। ତେବେ ଯାଇ ସାରା ବିଶ୍ୱ ଆନନ୍ଦମୁଖର ହୋଇଉଠିବ। 'ଶିବ ଜ୍ଞାନେ ଜୀବ ସେବା' ମନ୍ତ୍ରକୁ ଜଗତର ସବୁଧର୍ମ ଓ ସମ୍ପ୍ରଦାୟ ଗ୍ରହଣ କରିବ ଏବଂ ପୃଥିବୀର କୋଣେ କୋଣେ ଏହି ନୂତନ ପୁନଃ ଆବିଷ୍କୃତ ମନ୍ତ୍ରକୁ ପହଞ୍ଚାଇ ମାନବ ମନ ଓ ହୃଦୟରେ ଭକ୍ତି, ସେବା, ଜ୍ଞାନ, ବିବେକ, ବୈରାଗ୍ୟ ଓ ତ୍ୟାଗର ସ୍ରୋତ ବୁହାଇବାକୁ ପଡ଼ିବ ଭାବି ଯୁବକ ନରେନ୍ଦ୍ର ବଦ୍ଧପରିକର ହେଲେ। ଅଜ୍ଞାନର କଳାପଟି କ୍ରମଶଃ ଉନ୍ମୁକ୍ତ ହେବାକୁ ଲାଗିଲା, 'ଶିବ ଜ୍ଞାନେ ଜୀବ ସେବା' ମନ୍ତ୍ର ଉଚ୍ଚାରଣରେ ଏବଂ ନିଜ ଭିତରେ ମିଞ୍ଜି ମିଞ୍ଜି ଜଳୁଥିବା ଜ୍ଞାନାଲୋକରେ କ୍ରମଶଃ ନିଜର ସ୍ୱରୂପ ଉଦ୍‌ଭାସିତ ହୋଇଉଠିବ।

ନିଜର ପ୍ରକୃତ ସ୍ୱରୂପକୁ ସ୍ପଷ୍ଟଭାବେ ଚିହ୍ନିବା ପାଇଁ ମନ ବ୍ୟାକୁଳ ହୋଇଉଠିଲା। ଅଳିକଲେ ବାଳକସମ ଶ୍ରୀ ରାମକୃଷ୍ଣଙ୍କ ନିକଟରେ। ଏଠାରେ ଅବସ୍ଥାନ କରୁଥିବା ନିତ୍ୟଗୋପାଳ, ମନମୋହନ ଭଳି ଅନେକ ଭକ୍ତ, ଭଗବାନ ନାମ ସ୍ମରଣ ଓ ମନନ କରି ଭାବ ସମାଧିରେ ମୃତପ୍ରାୟ ପଡ଼ିରହୁଛନ୍ତି। ମୁଁ କ'ଣ ଦୋଷ କରିଛି ତୁମ ପାଦପଦ୍ମରେ। ମୋର କାହିଁକି ସମାଧି ହେଉନି। ତୁମେ ଅନ୍ତର୍ଯ୍ୟାମୀ, କୁହ ମୋ ପ୍ରତି ଏଭଳି ପାତର - ଅନ୍ତର କାହିଁକି ? ଭକ୍ତପ୍ରାଣ ଶ୍ରୀ ରାମକୃଷ୍ଣ ଆଶ୍ୱାସନା ଦେଇ କହିଲେ, 'ବାବା, ତୁ ବିଚଳିତ ହୁଅନା। ଦେଖ୍, ବିରାଟ ହାତୀଟିଏ କ୍ଷୁଦ୍ର ଜଳାଶୟ ଭିତରକୁ ପ୍ରବେଶ କଲେ, କ'ଣ ହେବ ଜାଣିଛୁ ? ଭୟଙ୍କର ଶବ୍ଦ ଓ ଅସ୍ଥିରତା ସୃଷ୍ଟି ହେବ ଏବଂ ଜଳ ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହେବ। କିନ୍ତୁ ଯଦି ସେଇ ହାତୀଟି ଏକ ପ୍ରକାଣ୍ଡ ହ୍ରଦର ଜଳରାଶି ଭିତରକୁ ପଶେ ତାହେଲେ ହେବ ସାମାନ୍ୟ ଶବ୍ଦ। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# ବଜ୍ରପାତ ବେଳେ ଗଛ ତଳେ ବିଶ୍ରାମ ନିରାପଦ ନୁହେଁ



ବର୍ଷା ଓ ଭୟାନକ ଘଡ଼ଘଡ଼ି ସମୟରେ ଏପରି ଖୋଲାମେଲା, ଗଛତଳେ ବିଶ୍ରାମ ନେବା ବିପଜ୍ଜନକ ହୋଇଥିଲେ ମଧ୍ୟ ଅନେକ ଏ ନେଇ ସେତେଟା ସଚେତନ ନୁହଁନ୍ତି। ଦିନକୁ ଦିନ ଲୋକେମାନେ ଏହି ଅଜ୍ଞତା କାରଣରୁ ନିଜେ ମୃତ୍ୟୁମୁଖରେ ପଡୁଥିବାବେଳେ ଅନ୍ୟ ମାନଙ୍କୁ ଏକ ପ୍ରକାର ଏହି ବିପଦରେ ପକାଉଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ବୈଜ୍ଞାନିକ ବେଞ୍ଜାମିନ ଫ୍ରାଙ୍କଲିନ ସର୍ବପ୍ରଥମେ ୧୭୫୨ ମସିହାରେ ବଜ୍ରପାତର ସଠିକ କାରଣ କହିଥିଲେ। ସେ କାଇଟ ଏକ୍ସପେରିମେଣ୍ଟ କରି ବିଜୁଳି ସହ ବିଦ୍ୟୁତର ସମ୍ପର୍କ ଜାଣିବାକୁ ଚାହିଁଥିଲେ। ବେଞ୍ଜାମିନଙ୍କ ଅନୁସାରେ ଆକାଶରେ ଭାସୁଥିବା ବାଦଲରେ ଛୋଟ ଛୋଟ ଜଳ କଣିକା ଥାଏ, ଯାହା ବାୟୁ ସହ ଘର୍ଷଣ ହେବା ଯୋଗୁ ଅବଶୋଷିତ ହୋଇଯାଆନ୍ତି। ଫଳରେ କିଛି ବାଦଲରେ ପଜିଟିଭ ଚାର୍ଜ ସୃଷ୍ଟି ହୁଏ ତ ଆଉ କିଛି ବାଦଲରେ ନେଗେଟିଭ ଚାର୍ଜ ଉତ୍ପନ୍ନ ହୁଏ। ଯେତେବେଳେ ଉଭୟ ଚାର୍ଜ ବାଦଲ ପରସ୍ପର ପାଖାପାଖି ହୋଇ ଘର୍ଷଣ ହୁଏ ହଜାର ହଜାର ଭୋଲ୍ଟର ବିଜୁଳି ଉତ୍ପନ୍ନ ହୋଇଥାଏ। ଏହି ବିଜୁଳି ଯେତେବେଳେ ତୀବ୍ର ହୁଏ ତାହା ପୃଥିବୀ ପର୍ଯ୍ୟନ୍ତ ପହଞ୍ଚିଯାଏ। ତାକୁ ହିଁ କୁହାଯାଏ ବଜ୍ରପାତ ହେବା।

ବଜ୍ରପାତ ସାଧାରଣତଃ ପ୍ରାଣଘାତକ ହୋଇଥାଏ। ମାତ୍ର ୩୦ ମାଇକ୍ରୋସେକେଣ୍ଡ ପାଇଁ ହେଉଥିବା ଏହି ବଜ୍ରପାତର ଉତ୍ତାପ ସୂର୍ଯ୍ୟଙ୍କ ବାହ୍ୟସ୍ତରର ଉତ୍ତାପଠାରୁ ୫ଗୁଣ ଅଧିକ ହୋଇଥାଏ। ଗଛ ତଳେ ଠିଆ ହୋଇଥିବା, ଖୋଲା ଜମିରେ କାମ କରୁଥିବା ବ୍ୟକ୍ତିଙ୍କ ଉପରେ ବଜ୍ରପାତ ହେବାର ଆଶଙ୍କା ଅଧିକ ଥାଏ। ଏହାବାଦ ପୋଖରୀ ଅବା ନଦୀରେ ଗୋଧୋଉଥିବା ବ୍ୟକ୍ତି ଏବଂ ମୋବାଇଲ ବ୍ୟବହାରକାରୀଙ୍କ ଉପର ବି ବଜ୍ରପାତ ହେବାର ଆଶଙ୍କା ଥାଏ। ବୈଜ୍ଞାନିକଙ୍କ ମତରେ ମୋବାଇଲରୁ ନିର୍ଗତ ହେଉଥିବା ଅତିବାଇଗଣୀ ରଶ୍ମି ବିଜୁଳିକୁ ନିଜ ଆଡ଼କୁ ଆକର୍ଷିତ କରାଏ। ସାଧାରଣତଃ ଦେଖାଯାଏ ବଜ୍ରପାତ ହେଲେ ଲୋକେ ଡରିଯାଇ ଗଛତଳକୁ ଚାଲି ଯାଆନ୍ତି ଆଶ୍ରୟ ନେବାକୁ। ହେଲେ ଗଛ ତଳେ ଆଶ୍ରୟ ନେବା ହିଁ ମୃତ୍ୟୁକୁ ଆମନ୍ତ୍ରଣ କରିବା ସହ ସମାନ। ଯେବେ ବଜ୍ରପାତ ହୁଏ ସେ ପୃଥିବୀ ପୃଷ୍ଠ ଆଡ଼କୁ ଆସିବା ଲାଗି ସବୁଠାରୁ ଉଚ୍ଚା ଜିନିଷକୁ ବାଛିଥାଏ। ଯାହା ମଧ୍ୟ ଦେଇ ବିଜୁଳି ଧରାପୃଷ୍ଠକୁ ଆସିପାରିବ। ତେଣୁ ବିଜୁଳି ଉଚ୍ଚା ବୈଦ୍ୟୁତିକ ଖମ୍ବ, ଉଚ୍ଚା ଗଛକୁ ବାଛିଥାଏ। ତେବେ ବିଜୁଳି ସର୍ବପ୍ରଥମେ ଗଛ ସଂସ୍ପର୍ଶରେ ଆସିଥାଏ ଓ ତାହା ମାଧ୍ୟମରେ ଭୂମି ପର୍ଯ୍ୟନ୍ତ ପହଞ୍ଚେ। ଆଉ ଏହି ବିଜୁଳି ସିଧାସଳଖ ଗଭୀର ଭୂମିକୁ ଯାଏ ନାହିଁ ବରଂ ଭୂମିର ଉପରି ଭାଗରେ ବ୍ୟାପିଯାଏ। ଯାହାକୁ ଗ୍ରାଉଣ୍ଡ କରେଣ୍ଟ କୁହାଯାଏ। ଫଳରେ ଗଛ ପାଖାପାଖି କିଛି ଅଞ୍ଚଳ ବିପଜ୍ଜନକ ହୋଇଯାଏ। ତେଣୁ ବର୍ଷା ଓ ବଜ୍ରପାତ ହେଉଥିବା ସମୟରେ ଗଛ ତଳେ ଠିଆ ନହେବାକୁ କୁହାଯାଏ। ଯଦି କୌଣସି ସ୍ଥାନରେ କେବଳ ଗୋଟିଏ କି ଦୁଇଟି ଗଛ ହିଁ ବଡ଼ ଓ ଉଚ୍ଚା, ତେବେ ସେ ଗଛ ତଳେ ଠିଆ ହେବା ବିପଜ୍ଜନକ ସାବ୍ୟସ୍ତ ହୋଇପାର। ତଥ୍ୟ କହେ ପ୍ରତିବର୍ଷ ପ୍ରାୟ ୨୦୦୦ ଲୋକ ବଜ୍ରପାତର ଶିକାର ହୁଅନ୍ତି। କୌଣସି ପରିସ୍ଥିତିରେ ବର୍ଷା ବା ଘଡ଼ଘଡ଼ି ସମୟରେ ସୁରକ୍ଷିତ ଆଶ୍ରୟ ଭାବରେ ଗଛତଳେ ଅସ୍ଥାୟୀ ବିଶ୍ରାମ ନିଅନ୍ତୁ ନାହିଁ। ଯଥାସମ୍ଭବ କୌଣସି ସୁରକ୍ଷିତ ଘର ନିହାତି ଭଲ। ନିଜେ ସଚେତନ ହେବାସହ ଅନ୍ୟମାନଙ୍କୁ ସଚେତନ କରିବା ଦ୍ୱାରା ଆପଣ ଏକ ନିଶ୍ଚିନ୍ତ ବିପଦରୁ ନିଜେ ବର୍ତ୍ତିବା ସହ ଅନ୍ୟ ମାନଙ୍କୁ ମଧ୍ୟ ବଞ୍ଚାଇ ପାରିବେ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
**କଟିକଟା, ମଙ୍ଗଳପୁର, ଯାଜପୁର**

# ଶକ୍ତି ରୂପେଣ ସଂସ୍ଥିତା



ଆମ ରାଜ୍ୟରେ ଶକ୍ତି ଉପାସନା ବହୁ ପ୍ରାଚୀନ। ପୁରାଣର ବର୍ଣ୍ଣନା ଅଛି ଯେ ଦକ୍ଷ ପ୍ରଜାପତି ନିଜର କନ୍ୟା ସତୀଙ୍କର ବିବାହ ଶିବଙ୍କ ସହ କରିବାକୁ ଚାହୁଁ ନଥିଲେ। ମାତ୍ର ସତୀ ଶିବଙ୍କୁ ବିବାହ କରିବାକୁ ଜିଦ୍ କରିଥିଲେ। ବିବାହ ପରେ ସତୀ ସ୍ୱାମୀ ଶିବଙ୍କ ସହ କୈଳାସ ପର୍ବତରେ ରହୁଥିଲେ। ଦକ୍ଷ ପ୍ରଜାପତି ଆୟୋଜନ କରିଥିବା ଗୋଟିଏ ଯଜ୍ଞରେ ଯୋଗଦେବାକୁ ଶିବଙ୍କୁ ନିମନ୍ତ୍ରଣ କରି ନଥିଲେ। ଏହି ସମ୍ବାଦ ନାରଦଙ୍କ ଠାରୁ ପାଇ ସତୀ ନିଜେ ପିତାଙ୍କ ବାସଗୃହରେ ପହଞ୍ଚିଥିଲେ। ସେ ପିତାଙ୍କୁ ତାଙ୍କର ସ୍ୱାମୀ ଶିବଙ୍କୁ ନିମନ୍ତ୍ରଣ କରି ନଥିବାରୁ ଯଥେଷ୍ଟ ଭର୍ତ୍ସନା କରିବା ସହ ଯଜ୍ଞକୁଣ୍ଡରେ ଆତ୍ମୋତ୍ସର୍ଗ କରିଥିଲେ। ଏହି ସମ୍ବାଦ ଶିବଙ୍କ ପାଖରେ ପହଞ୍ଚିବା ମାତ୍ରେ ସେ କ୍ରୋଧରେ ଜର୍ଜରିତ ହୋଇ ଦକ୍ଷଙ୍କ ବାସଭବନରେ ପହଞ୍ଚିଲେ। ଶିବଙ୍କର ଭୟଙ୍କର ରୂପ ଦେଖି ସମସ୍ତେ ଆତ୍ମଗୋପନ କରିବାରେ ସେ ତ୍ରିଶୂଳରେ ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀର ବାହାର କରି ତାଣ୍ଡବଲୀଳା ରଚନା କଲେ। ଏହାଦ୍ୱାରା ସତୀଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଭାରତର ଏକାବନଟି ସ୍ଥାନରେ ପଡିଲା। ସେହି ଏକାବନ ସ୍ଥାନ ମଧ୍ୟରୁ ଓଡିଶାର ଆଠଟି ସ୍ଥାନରେ ତାଙ୍କର ଅଙ୍ଗ ପଡ଼ିଥିଲା ତାହା ଏବେ ଅଷ୍ଟ ଶକ୍ତି ପୀଠ ଭାବରେ ପ୍ରସିଦ୍ଧି ଲାଭ କରିଛି। ଶ୍ରୀକ୍ଷେତ୍ରର ବିମଳା, ବାଣପୁରର ଭଗବତୀ, କୋଣାର୍କର ରାମଚଣ୍ଡି, କାକଟପୁର ମଙ୍ଗଳା, ଯାଜପୁରର ବିରଜା, ବାଙ୍କୀର ଚର୍ଚ୍ଚିକା, କଟକର ଚଣ୍ଡୀ ଏବଂ ସମ୍ବଲପୁରର ସମଲେଶ୍ୱରୀ ସେଇ ଅଷ୍ଟ ଶକ୍ତିପୀଠ ଭାବେ ମାନ୍ୟତା ପାଇଛି। ଏହି ସମସ୍ତ ପୀଠ ତନ୍ତ୍ର ପୀଠ ଭାବେ ପ୍ରସିଦ୍ଧି ଲାଭ କରିଥିବାର ପୌରାଣିକ ତଥ୍ୟ ରହିଛି। ଆମ ରାଜ୍ୟରେ ପୂର୍ବରୁ ରାଜତନ୍ତ୍ର ଥିବାରୁ ରାଜାମାନେ ମଧ୍ୟ ଅନେକ ତନ୍ତ୍ର ପୀଠ ପ୍ରତିଷ୍ଠା କରିଥିଲେ। କିନ୍ତୁ ଉଲ୍ଲେଖନୀୟ ଯେ ସେଇ ପୀଠ ଗୁଡ଼ିକ ବରୁଣେଇ (ଖୋର୍ଦ୍ଧା), ଉଗ୍ରତାରା (ଖୋର୍ଦ୍ଧା) ନାରାୟଣୀ (ଗଞ୍ଜାମ), ତାରା ତାରିଣୀ(ଗଞ୍ଜାମ)ମାଝି ଗୌରୀ, (ମଝି ଘରିଆଣୀ ରାୟଗଡ଼ା), ଶୟନ ଦୁର୍ଗା, (ରାୟଗଡ଼ା), ଖିଲାମୁଣ୍ଡା, ମଣିନାଗ, (ରଣପୁର)ନୟାଗଡ଼ର ନାରାୟଣୀ ତାଳଚେର ହିଙ୍ଗୁଳାଙ୍କ ପରି ଅନେକ ପୀଠ ସବୁ ପାହାଡ଼ ଓ ଜଙ୍ଗଲ ମଧ୍ୟରେ ଅଗମ୍ୟ ସ୍ଥାନ ମାନଙ୍କରେ ପ୍ରତିଷ୍ଠା କରାଯାଇଥିଲା। ତାନ୍ତ୍ରିକ ମତେ ପୂଜା ସମ୍ପୂର୍ଣ୍ଣ ଗୋପନୀୟ ହୋଇଥିବାରୁ ରାଜାମାନେ ସେଠାରେ ତନ୍ତ୍ର ପୂଜା କରାଉଥିଲେ। ପ୍ରତ୍ୟେକ ରାଜାଙ୍କ ଘରେ ମଧ୍ୟ ଇଷ୍ଟଦେବତା ଭାବରେ ଶକ୍ତି ସ୍ୱରୁପା ଠାକୁରାଣୀ ପୂଜା ପାଉଥିଲେ।

ହରିଶଙ୍କର ମିଶ୍ର



## ଦୁର୍ଗାଙ୍କ ଆବିର୍ଭାବ:

ମାର୍କଣ୍ଡେୟ ପୁରାଣ ଅନୁଯାୟୀ ମହିଷାସୁର ନାମକ ଜଣେ ଅସୁର ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବର ମାଗିଥିଲା ଯେ ସ୍ୱର୍ଗ ମର୍ତ୍ତ୍ୟ ପାତାଳର କୌଣସି ପୁରୁଷଙ୍କ ଦ୍ୱାରା ସେ ପରାସ୍ତ ହେବନାହିଁ ବା ତାର ଶରୀର ବଧ ହେବନାହିଁ। ବ୍ରହ୍ମା ତାହାକୁ ତଥାସ୍ତୁ କହିବାପରେ ସେ ମର୍ତ୍ତ୍ୟଲୋକଙ୍କୁ ପରାସ୍ତ କରି ମୁନି ଋଷି ଆଦିଙ୍କୁ ଅକଥନୀୟ କଷ୍ଟ ଦେଲା। ତା ପରେ ସ୍ୱର୍ଗ ଆକ୍ରମଣ କରିବାରେ ଦେବତାମାନେ ମଧ ଭୟରେ ଥରହର ହେଲେ। ଦେବତାମାନେ ଦେଇଥିବା ବର ଅଲଙ୍ଘନୀୟ ହୋଇଥିବାରୁ ବ୍ରହ୍ମା ବରଦାନ ଦେବା କଥା କହି ନିଜର ଅସହାୟତା ପ୍ରକାଶ କଲେ। ବିଷ୍ଣୁଙ୍କ ପରାମର୍ଶରେ ଦେବତାମାନଙ୍କ ସହ




ମୁନୀରଷିମାନେ ମହାମାୟା ଶକ୍ତି ମହାମୟୀଙ୍କୁ ଘୋର ତପସ୍ୟା ଓ ଆରାଧନା କଲେ। ତପସ୍ୟାରେ ମହାମାୟୀ ସନ୍ତୁଷ୍ଟ ହୋଇ ଅପୂର୍ବ ସୁନ୍ଦରୀ ବେଶରେ ଆବିର୍ଭୁତା ହେଲେ। ଦେବତାମାନେ ତାଙ୍କୁ ନିଜ ନିଜର ଅସ୍ତ୍ର ଯଥା ବିଷ୍ଣୁଙ୍କ ଚକ୍ର, ଶିବଙ୍କ ତ୍ରିଶୁଳ ଇନ୍ଦ୍ରଙ୍କ ବଜ୍ର ଆଦି ପ୍ରଦାନ କଲେ। ଅପୂର୍ବ ସୁନ୍ଦରୀ ମହାମାୟୀ ମନମୋହିନୀ ବେଶରେ ବିବିଧ ଅଳଙ୍କାରରେ ଶୋଭିତା ହୋଇ ମୈନାକ ଗିରିରେ ବସିଲେ। ମହିଷାସୁରର ଦୂତମାନେ ସେଠାକୁ ପାରିଧି ପାଇଁ ଆସି ମହାମାୟୀଙ୍କ ରୁପଲାବଣ୍ୟରେ ବିମୋହିତ ହୋଇ ତାଙ୍କ ରାଜା ମହିଷାସୁରର ପାଟରାଣୀ ହେବାକୁ ପ୍ରସ୍ତାବ ଦେଲେ। କିନ୍ତୁ ମହାମାୟୀ କହିଲେ ପିଲାଦିନରୁ ଗୋଟିଏ ଶପଥ କରିଛନ୍ତି ଯେ ଯିଏ ତାଙ୍କୁ ଯୁଦ୍ଧରେ ପରାସ୍ତ କରିବ ସେ ତାକୁ ବିବାହ କରିବେ। ଏହିକଥା ଶୁଣି ଦୂତମାନେ ମହିଷାସୁରକୁ ମହାମାୟୀଙ୍କ ରୂପଲାବଣ୍ୟ ସମ୍ପର୍କରେ ସୂଚନା ଦେଲେ। ମହିଷାସୁର ସଙ୍ଗେ ସଙ୍ଗେ ମହାମାୟୀଙ୍କ ପାଖକୁ ଯାଇ ସେ ଜଣେ ଅବଳା ଯୋଗୁଁ ଯୁଦ୍ଧ ନକରି ତାକୁ ବିବାହ ପାଇଁ ପ୍ରବର୍ତ୍ତିତ କରିଲେ ମଧ ମହାମାୟୀ ରାଜି ନହେବାରୁ ମହିଷାସୁର ଯୁଦ୍ଧ ପାଇଁ ଆହ୍ୱାନ ଦେଲା। ମହାମାୟୀଙ୍କ ରୁପଲାବଣ୍ୟରେ ସେ ଅତିଶୟ ମୋହଗ୍ରସ୍ତ ହୋଇ ଭୁଲିଯାଇ ଥିଲା ଯେ ବ୍ରହ୍ମାଙ୍କ ବର ଅନୁଯାୟୀ ସେ କୌଣସି ପୁରୁଷଙ୍କ ଠାରୁ ସିନା ହାରିବ ନାହିଁ କିନ୍ତୁ ନାରୀ ହାତରେ ବଧ ହୋଇପାରିବ। ଯୁଦ୍ଧ ଆରମ୍ଭ ହେଲା। ମହାମାୟୀ ପ୍ରଥମେ ଚଣ୍ଡ ମୁଣ୍ଡଙ୍କୁ ବିନାଶ କଲାପରେ ମହିଷାସୁର ନିଜେ ଯୁଦ୍ଧ ଆରମ୍ଭ କଲା। ମହାମାୟୀ ନିଜ ଶରୀରରୁ ବିଭିନ୍ନ ଶକ୍ତି ଉତ୍ପନ୍ନ କରାଇ ମହିଷାସୁରର ସୈନ୍ୟମାନଙ୍କୁ ଖାଇଲେ। ମହିଷାସୁର ମଧ ନିଜର ମୃତ୍ୟୁ ନିଶ୍ଚିତ ଜାଣିପାରିଲା। ଯୁଦ୍ଧର ଶେଷ ପର୍ଯ୍ୟାୟରେ ମହାମାୟୀ ନିଜକୁ ଉଲଗ୍ନ କରାଇ ମହିଷାସୁରର ପାଶବିକ ମନୋବୃତ୍ତିକୁ ତାତ୍ସଲ୍ୟ କରି ତା ବକ୍ଷରେ ତ୍ରିଶୁଳ ବିଦ୍ଧ କରିବାରେ ସେ ମୃତ୍ୟୁବରଣ କଲା। ଦେବତାମାନେ ପୁଷ୍ପ ବୃଷ୍ଟି କଲେ। କିନ୍ତୁ ମହିଷାସୁର ବଧ ପରେ ମହାମାୟୀ ଏଭଳି ଉନ୍ମାଦ ହୋଇଯାଇଥିଲେ ଯେ ତାଙ୍କୁ ସ୍ଥିର କରିବାକୁ କୌଣସି ଦେବତା ସାହସ କଲେ ନାହିଁ। ସ୍ୱୟଂ ଶିବ ଯେତେବେଳେ ତାଙ୍କ ପାଖରେ ପହଞ୍ଚିଲେ ଶିବଙ୍କ କୋଳରେ ସେ ନିଜକୁ ସମର୍ପଣ କଲେ ଏବଂ ଶାନ୍ତ ଭାବରେ ଶୋଇପଡ଼ିଲେ। ମହିଷାସୁର ପ୍ରଭାବରୁ ତ୍ରିଭୁବନ ରକ୍ଷା ପାଇଲା। ତେଣୁ ଆସୁରିକ ଶକ୍ତି ପ୍ରଭାବ ହ୍ରାସ ପାଇଁ ଦୁର୍ଗାଙ୍କୁ ଆରାଧନା କରାଯାଏ। ଏବଂ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ତାଙ୍କ ପାଖରେ ଶପ୍ତ ସତୀ ଚଣ୍ଡୀପାଠ କରାଯାଏ। ମହାମାୟୀଙ୍କ ଠାରୁ ଚଉଷଠି ଯୋଗିନୀ ଉତ୍ପନ୍ନ ହୋଇଥିବାରୁ ସେମାନଙ୍କୁ ମଧ ପୂଜା କରାଯାଏ। ଭୁବନେଶ୍ୱର ସନ୍ନିକଟ ହୀରାପୁର ଓ ରାଣୀପୁର ଝରିଆଲରେ ଏବେ ଚଉଷଠି ଯୋଗିନୀ ପୀଠ ରହିଛି।

## ଦୁର୍ଗାପୂଜା ଅବଧି -

ଆମ ରାଜ୍ୟ ସହ ସାରା ଭାରତର ସମସ୍ତ ଦେବୀପୀଠରେ ଦୁର୍ଗାପୂଜା ପ୍ରଚଳିତ ହୋଇଥାଏ। ଏହି ପୂଜା ଶରତ ଓ ବସନ୍ତ ଋତୁରେ ପାଳନ ହେଉଥିବାରୁ ତାହାକୁ ଯଥାକ୍ରମେ ଶାରଦୀୟ ଓ ବାସନ୍ତୀକ ଦୁର୍ଗୋତ୍ସବ କୁହାଯାଏ। ବସନ୍ତ ଋତୁର ଦୁର୍ଗାପୂଜା ଚୈତ୍ର ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ନଅ ଦିନ ପାଳନ ହେଉଥିବାରୁ ତାହାକୁ ନବରାତ୍ର ପୂଜା ମଧ କୁହାଯାଏ। କିନ୍ତୁ ଶାରଦୀୟ ଦୁର୍ଗାପୂଜା ଷୋହଳ ଦିନାତ୍ମକ, ନବ ଦିନାତ୍ମକ ବା ତ୍ରିଦିନାତ୍ମକ ହୋଇଥାଏ। ମା ଦୁର୍ଗା ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ବା ରାଧାଷ୍ଟମୀ ଦିନ ଶୟନ କରନ୍ତି। ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀରେ ସେ ନିଦ୍ରା ତ୍ୟାଗ କରୁଥିବାରୁ ତାହା ଦେବୀ ଉତ୍ଥାପନ ଅଷ୍ଟମୀ ଭାବରେ ପାଳନ କରାଯାଇ ସେହିଦିନ ମା'ଙ୍କୁ ସହସ୍ର କୁମ୍ଭାଭିଷେକ କରାଯାଇ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଥାଏ। ଏହି ପୂଜା ଆଶ୍ୱିନ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ହୋଇଥାଏ। ନବମୀ ଦିନ ମା'ଙ୍କୁ ବିସର୍ଜନ ପୂଜା କରାଯାଏ। ଏହି ପୂଜା ସାଧାରଣତଃ ସମସ୍ତ ଶକ୍ତି ପୀଠ ଓ କିଛି ପ୍ରତିଷ୍ଠିତ ପୀଠମାନଙ୍କରେ କରାଯାଏ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବ ଦିନାତ୍ମକ ବା ନବରାତ୍ର ପୂଜା କରାଯାଏ। ଉଭୟ ଶାରଦୀୟ ଓ ବାସନ୍ତୀକ ନବରାତ୍ରରେ ନବଦୁର୍ଗା ଆରାଧନାରେ ନଅ ଦିନ ପାଇଁ ଯଥାକ୍ରମେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ, ଏବଂ ସିଦ୍ଧିଦାତ୍ରୀ ଭାବରେ ପୂଜା ଓ ଆରାଧନା କରାଯାଏ। ଆଶ୍ୱିନ ଶୁକ୍ଳ ସପ୍ତମୀ ଅଷ୍ଟମୀ ଓ ନବମୀରେ ହେଉଥିବା ପୂଜାକୁ ତ୍ରିଦିନାତ୍ମକ ପୂଜା କୁହାଯାଏ। ଏହା ସାଧାରଣତଃ ଗୃହରେ ଥିବା ଇଷ୍ଟଦେବୀଙ୍କ ପାଖରେ ହୋଇଥାଏ। ପ୍ରତ୍ୟେକ ପୂଜା ପରେ ଆଶ୍ୱିନ ଶୁକ୍ଳ ଦଶମୀରେ ଦଶହରା ପାଳନ ହୁଏ। ଏହିଦିନ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଆୟୁଧ ପୂଜା ହେବାସହ ଆମରାଜ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କୌଳିକ ବୃତ୍ତିର ଅନୁକୂଳ କରିଥାନ୍ତି।ଏହି ଦିନ ଶକ୍ତି ସ୍ୱରୁପିଣୀ ମା'ଙ୍କୁ ପୂଜା କରି ଶ୍ରୀରାମଚନ୍ଦ୍ର ଲଙ୍କା ଅଭିଯାନରେ ଯାଇ ରାବଣକୁ ବଧ କରିଥିବାରୁ ଏହାକୁ ବିଜୟା ଦଶମୀ ମଧ କୁହାଯାଏ।

## ଓଡ଼ିଶାରେ ଦୁର୍ଗାପୂଜା ଆରମ୍ଭ ସମ୍ପର୍କରେ :

ଐତିହାସିକ ଚକ୍ରଧର ମହାପାତ୍ରଙ୍କ ଲିଖିତ ଓଡ଼ିଶା ଇତିହାସର ଅଜ୍ଞାତ ଅଧ୍ୟାୟ ପୁସ୍ତକ ଅନୁଯାୟୀ ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବ ( ୧୪୬୭--୧୪୯୭) କାଞ୍ଚି ବିଜୟ ପାଇଁ ଯୁଦ୍ଧ କରୁଥିବାବେଳେ ପରାସ୍ତ ହେବା ନିଶ୍ଚିତ ଜାଣି ତାଙ୍କର ସୈନ୍ୟମାନେ ଫେରି ଆସୁଥିବା ବେଳେ କାଞ୍ଚି ସୈନ୍ୟ ମାନେ ସେମାନଙ୍କର ଅନୁଧାବନ କରୁଥିଲେ। ସେମାନେ ଗୋଦାବରୀ ନଦୀ ତଟରେ ପହଞ୍ଚିବା ବେଳକୁ ଗଜପତିଙ୍କ ରାଜଗୁରୁ ତନ୍ତ୍ର ପ୍ରୟୋଗ କରି ନଦୀର ଜଳପତ୍ତନ ବୃଦ୍ଧି କରିବାରୁ କାଞ୍ଚି ସୈନ୍ୟମାନେ ଫେରିଗଲେ। ଗଜପତି ରାଜଗୁରୁଙ୍କୁ 'ଗୋଦାବରୀ ବର୍ଦ୍ଧନ' ଉପାଧି ପ୍ରଦାନ କରିବାରେ ସେ ଗୋଦାବରୀ ବର୍ଦ୍ଧନ ମହାପାତ୍ର ଭାବେ ପରିଚିତ ହେଲେ। ସେ ଓଡ଼ିଶା ସୈନ୍ୟଙ୍କ ପରାଜୟକୁ ସହଜରେ ଗ୍ରହଣ କରିପାରିଲେ ନାହିଁ। କିନ୍ତୁ ଗଭୀର ଅନୁଶୀଳନ କରି ଜାଣିଲେ ଯେ ଓଡ଼ିଶା ସୈନ୍ୟମାନେ ନିଶ୍ଚିତ ଶାରୀରିକ ଦୁର୍ବଳ ଅଛନ୍ତି। ତେଣୁ ସେ ଦୁର୍ଗୋତ୍ସବ ଚନ୍ଦ୍ରିକା ନାମରେ ପୁସ୍ତକଟିଏ ଲେଖି ଓଡ଼ିଶାରେ ଦୁର୍ଗାପୂଜା ଚଳାଇଲେ। ଏହି ପୂଜାରେ ବଳି ଓ ସୁରା ର ବ୍ୟବସ୍ଥା ଥିଲା। ରାତ୍ରିର ନିସ୍ତବ୍ଧ ସମୟରେ ଦେବୀଙ୍କ ପାଖରେ ବଳି ପ୍ରୋକ୍ଷଣ ସହ ସୁରା ନୈବେଦ୍ୟ କରି ସୈନ୍ୟ ମାନଙ୍କୁ ଖାଇବାକୁ ଦେଲେ। ସୈନ୍ୟମାନେ ଦେବୀଙ୍କ ପ୍ରସାଦ ମାଧ୍ୟମରେ ଜୈବ ପୃଷ୍ଟିସାର ପାଇ ଶାରୀରିକ ବଳୀୟାନ ହୋଇ ପରବର୍ତ୍ତୀ ଯୁଦ୍ଧ ସମୟରେ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଲେ। ଯୁଦ୍ଧ ପୂର୍ବରୁ ଗଜପତିଙ୍କୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ସହାୟତା କରିଥିବା ସର୍ବଜନବିଦିତ। ଯୁଦ୍ଧରେ ପରାଜୟ ହେବା ଆଶଙ୍କାରେ କାଞ୍ଚି ରାଜା ତାଙ୍କର ଆରାଧ ଦେବତା ଗଣେଶଙ୍କୁ ଉପାସନା କରୁଥିବାରୁ ତାଙ୍କର ଶରଣାପନ୍ନ ହେଲେ। ଗଣପତିଙ୍କର ସିଦ୍ଧି ବୃଦ୍ଧି ନାମରେ ଦୁଇଜଣ ପତ୍ନୀ। ତେଣୁ ଗଣପତି ବୃଦ୍ଧିଙ୍କ ମାଧ୍ୟମରେ ସୈନ୍ୟଙ୍କୁ ପୁନଃ ଜନ୍ମ ଦେଉଥିବାରୁ ରାଜଗୁରୁ ଏହା ଜାଣି ଗଣପତିଙ୍କ ମାଆ ଶକ୍ତି ସ୍ୱରୁପିଣୀ ମା'ଦୁର୍ଗାଙ୍କୁ ଆରାଧନା କଲେ। ମା'ଙ୍କ ଆଦେଶରେ ଗଣପତି ବୃଦ୍ଧିଙ୍କ ଜନନେନ୍ଦ୍ରିୟ ପାଖରେ ନିଜ ଶୁଣ୍ଢଟି ରଖିବାରୁ କାଞ୍ଚି ସୈନ୍ୟଙ୍କ ବୃଦ୍ଧି ହେଲାନାହିଁ। କାଞ୍ଚି ନରେଶଙ୍କୁ ଯୁଦ୍ଧରେ ପରାସ୍ତ କରି ଓଡ଼ିଶା ନରେଶ ପଦ୍ମାବତୀଙ୍କ ସହ ଅନେକ ଧନରତ୍ନ ଓ କାଞ୍ଚି ଗଣପତିଙ୍କୁ ମଧ ଓଡ଼ିଶା ଆଣିଲେ। ସେହି ମୂର୍ତ୍ତି ଏବେ ବି ଶ୍ରୀମନ୍ଦିର ପଶ୍ଚାତରେ କାଞ୍ଚି ଗଣେଶ ଭାବରେ ପୂଜା ପାଉଛନ୍ତି। ତାଙ୍କର ଶୁଣ୍ଢ କୋଳରେ ବସିଥିବା ବୃଦ୍ଧିଙ୍କ ଜନନେନ୍ଦ୍ରିୟ ପାଖରେ ରହିଛି।



ବଳି ସମ୍ପର୍କୀୟ ତଥ୍ୟ- ଆମ ରାଜ୍ୟରେ ଅନେକ ଦେବୀ ପୀଠରେ ଭଳି ପ୍ରୋକ୍ଷଣ କରାଯାଏ। କିଛି ଅନୁଷ୍ଠାନ ଏହାକୁ ବିରୋଧ କରିବାରୁ ଅନେକ ପୀଠରେ ବଳି ବନ୍ଦ ହୋଇଯାଇଛି। କିନ୍ତୁ ବଳି ହେଉଛି ତ୍ୟାଗର ପ୍ରତୀକ। ଯେଉଁ ପୁରୁଷ ମେଣ୍ଢା ଛୁଆ ଜନ୍ମ ପରେ ପାଳନ କରାଯାଇଥିବ,ସେ ବିବର୍ଣ୍ଣ ବା ବିକଳାଙ୍ଗ ହୋଇ ନଥିବ, ଅଭକ୍ଷ ବା ଉଚ୍ଛିଷ୍ଟ ଭକ୍ଷଣ କରିନଥିବ, କୌଣସି ଗୋଳ ଯୁଦ୍ଧରେ ଶିଙ୍ଗ ବା ଶରୀର ଆଘାତ ପ୍ରାପ୍ତ ହୋଇ ନଥିବ। ସେ ପରିବାରର ସଦସ୍ୟ ପରି ଜଣେ ହୋଇଥିବ, ତା'ର ପରିବାର ପ୍ରତି ଓ ପରିବାରର ତା' ପ୍ରତି ସ୍ନେହ ଓ ଅନୁରକ୍ତି ଥିବ ତାହାକୁ ଇଷ୍ଟ ଦେବୀଙ୍କ ପାଖରେ ରାତ୍ରୀର ନିସ୍ତବ୍ଧ ପ୍ରହରରେ ପ୍ରୋକ୍ଷଣ ହିଁ ବଳି ଓ ଏହା ପୂଜାର ମଧ୍ୟ ଅଂଶବିଶେଷ। ସୂଚନାଯୋଗ୍ୟ ଯେ ଯେଉଁମାନେ ରାଜାଙ୍କ ସୈନ୍ୟ ଭାବେ ନିଯୋଜିତ ହେଉଥିଲେ ସେମାନେ ଯୁଦ୍ଧକୁ ଗଲାବେଳେ ସେମାନଙ୍କର ମା' ପୁଅର ବିଜୟ ମନାସି ଠାକୁରାଣୀଙ୍କ ସିନ୍ଦୂର ଟୋପା ପୁଅର କପାଳରେ ଲଗାଇବା ବେଳେ ତାର ମନ ଭିତରେ ଯେଉଁ କୋହ ତ୍ୟାଗ ପାଇଁ ଶକ୍ତିର ଭାବନା ଉଦ୍ରେକ ହୋଇଥାଏ ତାହା ବଳି ପ୍ରୋକ୍ଷଣ ବିଧିରୁ ହିଁ ପ୍ରାପ୍ତ ହୋଇଥାଏ। ସାଧାରଣତଃ ଆମର ଚଳଣୀରେ ସାତ୍ତ୍ୱିକ ଭୋଜନ ବ୍ୟବସ୍ଥା ଥିବାବେଳେ ଶରୀର ପାଇଁ ଜୈବ ପୃଷ୍ଟିସାରର







ଆବଶ୍ୟକତା ଥିବାରୁ ବର୍ଷ ମଧ୍ୟରେ ସୀମିତ ଦିନ ପାଇଁ ତାହା ପୂଜାର ବିଧି ମାଧ୍ୟମରେ ଗ୍ରହଣ କରାଯାଏ। ଏବେ



ପଶୁପକ୍ଷୀଙ୍କ ବଧ ଖୋଲା ଜାଗାରେ ଏବଂ ବହୁଳ ଭାବରେ ବର୍ଷସାରା କରାଯାଉଥିବାରୁ ଏବଂ କିଛି ବ୍ୟକ୍ତି ସଙ୍ଗେ ସଙ୍ଗେ ପଶୁ କିଣି ତାହାକୁ ପ୍ରୋକ୍ଷଣ କରୁଥିବାରୁ ଆମର ପାରମ୍ପରିକ ବଳି ପ୍ରୋକ୍ଷଣ ବିଧି ତା'ର ସ୍ୱତନ୍ତ୍ରତା ହରାଇଛି। ଯାହାକୁ ଅନେକେ କୁସଂସ୍କାର କହି କୋର୍ଟରେ ମାମଲା ବି କରିବାକୁ ପଶ୍ଚାତପଦ ହେଉନାହାନ୍ତି। ଶାରଦୀୟ ବା ବାସନ୍ତିକ ଦୁର୍ଗାପୂଜାରେ ବିଧିବଦ୍ଧ ଭାବରେ ଷୋଡଶ ଉପଚାରରେ ପୂଜା ସହ ଚଣ୍ଡୀ ପାଠ, ଜପ ଓ ହୋମର ବିଧି ରହିଛି। ପୂଜାରେ ଦ୍ରବ୍ୟ ଶୁଦ୍ଧିର ଗୁରୁତ୍ୱ ରହିଥିବା ବେଳେ ତାହାକୁ ଭୌତିକ ସମାଜରେ ଗୌଣ କରାଯାଉଛି। ପୂଜାରେ ସମର୍ପଣ ଭାବ ରହୁ ନଥିବାରୁ ଆଭୀଷ୍ଟସିଦ୍ଧି ମଧ୍ୟ ସମ୍ଭବ ହେଉନାହିଁ।

## ଓଡ଼ିଶାରେ ମୃଣ୍ମୟୀ ପ୍ରତିମା ପୂଜା:-

ଓଡ଼ିଶାରେ ପ୍ରଥମେ କେବଳ ପୀଠ ବା ଗୃହ ଦେବୀଙ୍କ ପ୍ରତିମାଙ୍କ ପାଖରେ ଦୁର୍ଗାପୂଜା କରାଯାଉଥିବା ବେଳେ ଏବେ ସାରା ରାଜ୍ୟର ଅନେକ ସ୍ଥାନରେ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ସାର୍ବଜନୀନ ଦୁର୍ଗାପୂଜା କରାଯାଉଛି। କିନ୍ତୁ ଏହାର ଆରମ୍ଭ ସମ୍ପର୍କରେ ଆଲୋଚନା କଲେ ଏହା ସତ୍ୟ ଏବଂ ଐତିହାସିକ ସିଦ୍ଧ ହୁଏ ଯେ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଶାସନ କରିବା ପୂର୍ବରୁ ପ୍ରଥମେ କଲିକତାକୁ ଅକ୍ତିଆର କରିଥିଲା। ଏବଂ ପରେ ଅନ୍ୟ ଦେଶୀୟ ରାଜାଙ୍କୁ ନିଜ ଅଧୀନସ୍ଥ କରିଥିଲା। ସର୍ବଶେଷରେ ଓଡ଼ିଶାର ତତ୍କାଳୀନ ରାଜଧାନୀ ଖୋର୍ଦ୍ଧାଗଡ଼ର ପତନ ହୋଇଥିବାରୁ ତାହା ଭାରତର ଶେଷ ସ୍ୱାଧୀନ ଗଡ଼ ଭାବରେ ପରିଚିତ ହୁଏ। ଇଷ୍ଟ ଇଣ୍ଡିଆ କମ୍ପାନୀ ପରେ ଭାରତ ଇଂରେଜ ସରକାରଙ୍କ ଶାସନାଧୀନ ହେଲା। କଲିକତା ପ୍ରଥମେ ପରାଧୀନତା ସ୍ୱୀକାର କରିଥିବାରୁ ଅନେକ ବଙ୍ଗବାସୀ ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରିଥିଲେ। ଓଡ଼ିଶା ଇଂରେଜ ଶାସନାଧୀନ ସମୟରେ କଟକ ସେମାନଙ୍କର ସଦର ମହକୁମା ହୋଇଥିଲା। ତେଣୁ ଅନେକ ବଙ୍ଗବାସୀ କଟକରେ ରହୁଥିଲେ। କଲିକତାରେ ଦୁର୍ଗାପୂଜାରେ ମୃଣ୍ମୟ ମୂର୍ତ୍ତିଙ୍କ ପୂଜାବିଧି ପ୍ରଚଳିତ ଥିବାରୁ ସେମାନେ ମଧ୍ୟ କଟକରେ ମୃଣ୍ମୟ ମୂର୍ତ୍ତି ପୂଜା ପ୍ରଥମେ ସରକାରୀ ସହଯୋଗରେ ଆରମ୍ଭ କରିଥିଲେ। କ୍ରମେ କ୍ରମେ ଏହା କଟକର ବିଭିନ୍ନ ସ୍ଥାନ ସହ ରାଜ୍ୟର ସମସ୍ତ ଅଞ୍ଚଳକୁ ବ୍ୟାପି ସାରିଛି ଏବଂ କଟକର ଦଶହରା ସର୍ବଭାରତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଛି। କିନ୍ତୁ ପରେ କଟକ ସହ ପୁରୀ ଓ ଅନ୍ୟ ଅନେକ ସ୍ଥାନରେ ମୃଣ୍ମୟୀ ମୂର୍ତ୍ତିଙ୍କୁ ପୀଠ ଦେବୀଙ୍କର ଚଳନ୍ତି ପ୍ରତିମା ଭାବରେ ବିବେଚନା କରାଯାଇ ପୂଜା କରାଯାଉଥିବା ବେଳେ ହରପାର୍ବତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ମଧ୍ୟ ହେଉଛି। ତାହାପୂର୍ବ ବର୍ଣ୍ଣିତ ମହାମାୟୀଙ୍କ ମହିଷାସୁର ବଧ ସମୟରେ ଶିବଙ୍କ କୋଳରେ ମହାମାୟୀଙ୍କ ଶୟନ ଆଧାରରେ କରାଯାଉଥିବା ବିଶ୍ୱାସ। କିନ୍ତୁ ଏବେ ଅନେକ ସ୍ଥାନରେ ଦଶହରା ଦିନ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେଉଛି। ଏଥିରେ ରାବଣର ବିରାଟ ଅବୟବରେ ଆତସବାଜି ଖଞ୍ଜି ଅଗ୍ନି ସଂଯୋଗ କରାଯାଉଛି। କିନ୍ତୁ ଏହି ପରମ୍ପରା ଆଦୌ ପୁରୁଣା ନୁହେଁ। ଏହାକୁ କେଉଁ ସଂସ୍କୃତିରୁ ଗ୍ରହଣ କରାଯାଇଛି ତା'ର କୌଣସି ଯଥାର୍ଥତା ମଧ୍ୟ ପ୍ରତିପାଦିତ କରିବା ସମ୍ଭବ ନୁହେଁ। ଏବେ ମୃଣ୍ମୟୀ ଦେବୀଙ୍କ ପୂଜା ସମୟରେ ପୂଜାକୁ ଗୁରୁତ୍ୱ ପରିବର୍ତ୍ତେ ସାଜସଜ୍ଜାକୁ ଗୁରୁତ୍ୱ ଦିଆଯାଉଛି। ଆକର୍ଷଣୀୟ ମେଢ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପୂଜା ସ୍ଥଳୀକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଉଛି। ପୂଜାରେ ନୈବେଦ୍ୟକୁ ଗୌଣ କରାଯାଇ ଭୋଜିଭାତକୁ ଗୁରୁତ୍ୱ ଦିଆଯାଉଛି। କେଉଁ ସ୍ଥାନରେ ଚାନ୍ଦିରୁପାର ମେଢ଼ ବା ସୁନାର ମେଢ଼ ହେଉଛି ତ କେଉଁଠି ଅନେକ ଅଳଙ୍କାରମାନ ସୁନାରେ ହେଉଛି। ପୂଜା ଅପେକ୍ଷା ବିସର୍ଜନକୁ ଗୁରୁତ୍ୱ ଦିଆଯିବାରୁ ପୂଜାର ଧାର୍ମିକ ଭାବନା ରହୁନାହିଁ। ସେଥିପାଇଁ ପୂଜାରେ ସମର୍ପିତ ଭାବର ଅଭାବ ରହୁଛି। ଏବଂ ପୂଜା କେବଳ ବଡିମା ପ୍ରଦର୍ଶନର ମାଧ୍ୟମ ହୋଇଛି।

## ଶ୍ରୀକ୍ଷେତ୍ରର ପରମ୍ପରା :

ଶ୍ରୀକ୍ଷେତ୍ରର ପରମ୍ପରା ଅନନ୍ୟ ହୋଇଥିବାରୁ ଏହି ଶାରଦୀୟ ଦୁର୍ଗାପୂଜା ସେଠାରେ ଦୁର୍ଗା ମାଧବ ଉପାସନା ଭାବରେ ପାଳନ କରାଯାଏ। ପ୍ରଥମ ଆଠଦିନ ବିମଳାଙ୍କ ସହ ମାଧବଙ୍କୁ ଏକତ୍ର ପୂଜା କରାଯାଏ। ଶେଷ ଆଠଦିନ ମାଧବଙ୍କ ଦୋଳମଣ୍ଡପ ସାହିର ନାରାୟଣୀ ଙ୍କ ପୂଜାନୀତି ହୋଇଥାଏ। ଏହୀ ପରମ୍ପରା ଭାରତର କୌଣସି ଠାରେ ହୋଇ ନଥାଏ। ସେଥିପାଇଁ ଏହାକୁ ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ମଧ୍ୟ କୁହାଯାଏ। ଏହି ସମୟରେ ପୁରୀର କିଛି ଜାଗା ଆଖଡ଼ାରେ ନାଗା ସମ୍ପାତି ଚଢ଼େଇଙ୍କ ପ୍ରତିମା ନିର୍ମିତ ହୋଇ ପୂଜା କରାଯାଉଥିବାରୁ ଏହା ଓଡ଼ିଶାର ଅତୀତ ବୀରତ୍ୱ ଓ ରାମାୟଣର ଘଟଣାକୁ ସ୍ମରଣ କରାଇଥାଏ। ଓଡ଼ିଶାରେ ସର୍ବତ୍ର ମୂର୍ତ୍ତି ବିସର୍ଜନକୁ ଭଷାଣି କୁହାଯାଉଥିବା ବେଳେ ପୁରୀରେ ଗୋଷାଣୀ କୁହାଯାଏ। ସେଦିନ ପୂଜିତ ହେଉଥିବା ସମସ୍ତ ମୃଣ୍ମୟୀ ମୂର୍ତ୍ତି, ନାଗା ଓ ସମ୍ପାତି ଚଢ଼େଇ ବିସର୍ଜନ ପୂର୍ବରୁ ସିଂହଦ୍ୱାରକୁ ଆସିଥାନ୍ତି। ସେଠାରୁ ବିସର୍ଜନ ସ୍ଥଳୀକୁ ଯାଇଥାନ୍ତି।

## ଉପସଂହାର:

ମା ଦୁର୍ଗା ହେଉଛନ୍ତି ଶକ୍ତି ସ୍ୱରୂପିଣୀ, ତାଙ୍କର ଆରାଧନାରେ ଭକ୍ତି ସହ ସମର୍ପିତ ଭାବର ରହିଲେ ଶକ୍ତି ସହ ଚେତନା, ବୁଦ୍ଧି, କ୍ଷୁଧା, ତୃଷ୍ଣା, କ୍ଷାନ୍ତି, ଶାନ୍ତି, ଶ୍ରଦ୍ଧା,କାନ୍ତି, ଲକ୍ଷ୍ମୀ, ବୃତ୍ତି, ସ୍ମୃତି,ଦୟା, ଭ୍ରାନ୍ତି, ତୁଷ୍ଟି, ଦୟା ଭାବର ଉଦ୍ରେକ ହୋଇଥାଏ। ସେ ଜଗତର ମାତା। ଆସନ୍ତୁ ଆମେ ଏହି ପାର୍ବଣରେ ବିଶ୍ୱାସ ସହ ସୃଷ୍ଟିର ବିବିଧ ନକାରାତ୍ମକ ଶକ୍ତିର ବିନାଶ ଓ ଜଗତର ମଙ୍ଗଳ ପାଇଁ ତାଙ୍କ ପାଖରେ ଶୁଦ୍ଧ ଚିତ୍ତ ଶୁଦ୍ଧ ଦ୍ରବ୍ୟ ଅର୍ପଣ ପୂର୍ବକ ବିନୀତ ପ୍ରାର୍ଥନା କରିବା

ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ରମ୍ବିକେ ଗୌରୀ ନାରାୟଣୀ ନମୋସ୍ତୁତେ
ଶରଣାଗତ ଦିନାର୍ତ୍ତ ପରିତ୍ରାଣ ପରାୟଣେ
ସର୍ବସ୍ୟାର୍ତ୍ତ ହରେ ଦେବୀ ନାରାୟଣୀ ନମୋସ୍ତୁତେ
ଯା ଦେବୀ ସର୍ବଭୁତେଷୁ ଶକ୍ତି ରୁପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ


-୧୧୩, ଗୁଣ୍ଡିଚା ବିହାର ପୁରୀ -୨
ମୋ- ୭୯୭୮୭୮୫୪୭୮

ଫ୍ୟାସନ୍

# ନବରାତ୍ରୀ ସ୍ପେଶାଲ୍ ଶାଢ଼ି

**ଦୁର୍ଗା ପୂଜା ହେଉଛି ବଙ୍ଗଳା ସଂସ୍କୃତିର ଏକ ମୁଖ୍ୟ ପୂର୍ବ, ଯେଉଁଥିରେ ପାରମ୍ପାରିକ ଶାଢ଼ିର ବିଶେଷ ମହତ୍ତ୍ୱ ରହିଛି। ନବରାତ୍ରୀ ସମୟରେ ଏହି ଶାଢ଼ିଗୁଡ଼ିକ କାଫି ଟ୍ରେଣ୍ଡ୍‌ରେ ରହିଛି। ମହିଳାମାନେ ଏହି ଶାଢ଼ି ପିନ୍ଧିବାକୁ କାଫି ପସନ୍ଦ କରନ୍ତି। ଏହାର ସ୍ୱତନ୍ତ୍ର ଡିଜାଇନ୍ ସହିତ ବୁଣା ପାଇଁ ଏହି ଶାଢ଼ି ପ୍ରସିଦ୍ଧ। ଯଦି ଆପଣ ନବରାତ୍ରୀ ବା ଦୁର୍ଗା ପୂଜା ସମୟରେ ବଙ୍ଗଳା ଲୁକ୍ ବହନ କରିବାକୁ ଚାହୁଁଛନ୍ତି। ତେବେ ଏହି ଶାଢ଼ିର ଡିଜାଇନ୍ ବିଷୟରେ କିଛି ଟିପ୍ସ ଦିଆଯାଇଛି।**





## ତନ୍ତ ଶାଢ଼ି

ବଙ୍ଗଳାର ସବୁଠାରୁ ପ୍ରସିଦ୍ଧ ଏବଂ ପାରମ୍ପାରିକ ଶାଢ଼ି ମଧ୍ୟରୁ ତନ୍ତ ଶାଢ଼ି ହେଉଛି ସ୍ୱତନ୍ତ୍ର। ଏହି ଶାଢ଼ିଗୁଡ଼ିକ ପିନ୍ଧିଲେ ଦେହକୁ ହାଲୁକା, ନରମ ଏବଂ ଆରାମଦାୟକ ହୋଇଥାଏ। ତନ୍ତ ଶାଢ଼ିର ବିଶେଷତ୍ୱ ହେଉଛି ସୂତା କପଡ଼ା ଏବଂ କଳାତ୍ମକ ବର୍ଡ଼ର ପାଇଁ। ଏହି ଶାଢ଼ି ଚାହିଦା ଅଧିକ ହୋଇଥାଏ। ଏହାକୁ କାଫି ମହିଳା ପିନ୍ଧିବା ପାଇଁ ଅଧିକ ପସନ୍ଦ କରିଥାନ୍ତି। ଏହାକୁ ପିନ୍ଧିବା ଦ୍ୱାରା ଏକ ନିଆରା କୁଲ୍ ମଧ୍ୟ ପାଇପାରିବେ। ଏହା ସାଧାରଣତଃ ପାରମ୍ପାରିକ ଡିଜାଇନ୍‌ରେ ଧଳା ଏବଂ ନାଲି ରଙ୍ଗର ଶାଢ଼ି। ଯାହାକି ମା' ଦୁର୍ଗାଙ୍କ ପ୍ରତି ଉତ୍ସର୍ଗୀକୃତତାର ପ୍ରତୀକ ଅଟେ।

## ଗରାଦ ଶାଢ଼ି

ଗରାଦ ଶାଢ଼ି ବଙ୍ଗଳାର ପାରମ୍ପାରିକ ରେଶମ ଶାଢ଼ି। ଏହି ଶାଢ଼ିକୁ ସାଧାରଣତଃ ଦୁର୍ଗା ପୂଜା ସମୟରେ ପିନ୍ଧାଯାଏ। ଏହି ଶାଢ଼ିଗୁଡ଼ିକ ଲାଲ ବର୍ଡ଼ର ସହିତ ଧଳା ରଙ୍ଗର ହୋଇଥାଏ। ଗରାଦ ଶାଢ଼ିକୁ ଶୁଦ୍ଧତାର ପ୍ରତୀକ ଭାବରେ ବିବେଚିତ କରାଯାଏ। ଏହା ରେଶମ କପଡ଼ାରେ ତିଆରି ହୋଇଥାଏ। ଏହା ବିଶେଷ ଉତ୍ସବ ପାଇଁ ଉପଯୁକ୍ତ। ଏହି ଶାଢ଼ି ସହିତ ମ୍ୟାଚିଂଗ୍ ଜୁଏଲାରୀ ମଧ୍ୟ କ୍ୟାରି କଲେ ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ୍ ପାଇପାରିବେ।





## ବାଲୁଚାରି ଶାଢ଼ି

ଏହି ଶାଢ଼ି ଅନ୍ୟାନ୍ୟ ବୁଣା ଏବଂ ଡିଜାଇନ୍ ପାଇଁ ପ୍ରସିଦ୍ଧ। ବାଲୁଚାରି ଶାଢ଼ି ପିନ୍ଧିଲେ ଦେହକୁ ଭାରୀ ଏବଂ ରାଜସୀ ପରି ଦେଖାଯାଏ। ସେଥିପାଇଁ ଦୁର୍ଗା ପୂଜା ପରି ବିଶେଷ ଉତ୍ସବରେ ଏହି ଶାଢ଼ିକୁ ପିନ୍ଧିବା ପାଇଁ ସମସ୍ତେ ପସନ୍ଦ କରିଥାନ୍ତି। ଏହି ଶାଢ଼ି ରେଶମ କପଡ଼ାର ହୋଇଥିବାରୁ ପିନ୍ଧିବା ଦ୍ୱାରା ଅଧିକ ସୁନ୍ଦର ଲାଗିଥାଏ। ଏହାକୁ ଯେକୌଣସି ଶୁଭ କାର୍ଯ୍ୟରେ ପିନ୍ଧିଲେ ଶୁଭ ବୋଲି ମଧ୍ୟ ବିବେଚନା କରାଯାଏ। ଏହି ଶାଢ଼ିରେ ହେୟାର୍ ଷ୍ଟାଇଲ୍ ସହିତ ମେକ୍‌ଅପ୍ ଏବଂ ଜୁଏଲାରୀରେ ଏକ ଟ୍ରାଡିସ୍‌ନାଲ ଲୁକ୍ ପାଇପାରିବେ।

ରୋଷେଇ ଘରୁ

# ବାଇଗଣ ପୋସ୍ତ



**ଆବଶ୍ୟକ ସାମଗ୍ରୀ:** ବାଇଗଣ-୩୦୦ଗ୍ରାମ, ପୋସ୍ତ-୨ଚାମଚ, ବାଦାମ-୧ଚାମଚ, ପାନମଧୁରୀ-୧ଚାମଚ, ପିଆଜ-୧, ଟମାଟୋ-୧, ଅଦା, ରସୁଣ-୫ରୁ୬ କୋଳା, କଞ୍ଚାଲଙ୍କା-୩ରୁ୪ଟି, ସୋରିଷ ତେଲ, ହଳଦି, ଧନିଆ ପାଉଡ଼ର, ଜିରା, କାଶ୍ମିରୀ ଚିଲ୍ଲି, ଧନିଆ ପତ୍ର, ଲୁଣ ସ୍ୱାଦ ଅନୁସାରେ।

**ପ୍ରଣାଳୀ:** ବାଇଗଣକୁ କାଟି ସେଥିରେ ଲୁଣ, ହଳଦି ଦେଇ ଭାଜିବେ। ଗ୍ରାଇଣ୍ଡରରେ ପୋସ୍ତ, ବାଦାମ, ପାନ ମଧୁରୀ, ପିଆଜ, ଟମାଟୋ, ଅଦା, ରସୁଣ, କଞ୍ଚାଲଙ୍କା ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ। ମିଡ଼ିଅମ୍ ଆଞ୍ଚରେ ତେଲ ଗରମ ହେବା ପରେ ଏଥିରେ ଗ୍ରାଇଣ୍ଡିଂ କରି ରଖିଥିବା ପେଷ୍ଟ୍ ଦେଇ ଭାଜନ୍ତୁ। ସେଥିରେ ହଳଦି, କାଶ୍ମିରୀ ଚିଲ୍ଲି, ଧନିଆ ପାଉଡ଼ର, ଜିରା ପାଉଡ଼ର ଦେଇ ମସଲାକୁ କଷନ୍ତୁ। ମସଲାରୁ ତେଲ ଛାଡ଼ିବା ଆରମ୍ଭ ହେଲେ ସେଥିରେ ଭାଜି ରଖିଥିବା ବାଇଗଣ ଓ ଲୁଣ ପକାଇ କଷିବେ। ଏଥିରେ ଅଳ୍ପ ପାଣି ଦେଇ ଏହାକୁ ଘୋଡ଼େଇ ନେବେ। ବାଇଗଣ ମସଲା ସହିତ ଭଲ ଭାବେ ମିଶିଯିବା ପରେ ସେଥିରେ କାଟି ରଖିଥିବା ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାକୁ ଭାତ, ରୁଟି ସହିତ ଖାଇ ପାରିବେ।

# ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** ସପ୍ତାହଟି ବ୍ୟବସାୟରେ ଉନ୍ନତି ହେବ। କର୍ମକ୍ଷେତ୍ରରେ ସଫଳତା ମିଳିବ। ଅର୍ଥଲାଭର ସୁଯୋଗ ଆସିବ। ସୁଖ ସମୃଦ୍ଧି ବୃଦ୍ଧି ପାଇବ। ବନ୍ଧୁମାନଙ୍କ ସହଯୋଗରେ ଉନ୍ନତି ହେବ। ବିଭିନ୍ନ ବାଧାବିଘ୍ନ ଦୂର ହେବ। ପ୍ରତିକାର - ସୋମବାର ଦିନ ଶିବ ଦର୍ଶନ କରଣୀୟ।

**ବୃଷ** ସପ୍ତାହଟି ବାଦବିବାଦରୁ ଦୂରେଇ ରୁହନ୍ତୁ। ହଇରାଣରେ ପଡ଼ିପାରନ୍ତି। କଠିନ ପରିଶ୍ରମ ଦ୍ୱାରା ବ୍ୟବସାୟରେ ଉନ୍ନତି ହୋଇପାରେ। ଶରୀର ଅସୁସ୍ଥ ରହିବ। ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରତିକାର - କଳା ଗାଈକୁ ରୁଟି ଖାଇବାକୁ ଦିଅନ୍ତୁ।

**ମିଥୁନ** ସପ୍ତାହଟି କର୍ମକ୍ଷେତ୍ରରେ ନୂତନ ସଫଳତା ମିଳିବ। ଧନଲାଭର ସୁଯୋଗ ଆସିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ବନ୍ଧୁମାନଙ୍କ ସହଯୋଗ ମିଳିବ। ସନ୍ତାନ ସୁଖରେ ସୁଖୀ ହେବେ। ପ୍ରତିକାର - ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠକରଣୀୟ।

**କର୍କଟ** ସପ୍ତାହଟି ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ନିଜ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପାରିବାରିକ ଅଶାନ୍ତି ବୃଦ୍ଧି ପାଇବ। ମହିଳାମାନେ ନିଜ କାମରେ ଲାଗି ରହିବେ। ପ୍ରତିକାର - ଗୁରୁବାର ଦିନ ବ୍ରାହ୍ମଣକୁ ଖାଇବାକୁ ଦିଅନ୍ତୁ।

**ସିଂହ** ସପ୍ତାହଟି ଚାକିରି କ୍ଷେତ୍ରରେ ଆକସ୍ମିକ ପରିବର୍ତ୍ତନ ହେବ। ଶତ୍ରୁମାନେ ପରାଜିତ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ହେବ। ରୋଗମୁକ୍ତ ହେବେ। ବିଭିନ୍ନ ସମସ୍ୟାର ସମାଧାନ ହୋଇପାରେ। ପ୍ରତିକାର - ରବିବା

**କନ୍ୟା** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ବନ୍ଧୁ ସହଯୋଗ ମିଳିବ। ଧନଲାଭର ସୁଯୋଗ ଆସିବ। ଅଭିଳାଷ ପୂରଣ ହେବ। ପଦୋନ୍ନତିର ସମ୍ଭାବନା ଅଛି। ପାରିବାରିକ ଶାନ୍ତି ମିଳିବ। ପ୍ରତିକାର - ବୁଧବାର ଦିନ ଗଣେଶଙ୍କୁ ପୂଜା କରଣୀୟ।

**ତୁଳା** ସପ୍ତାହଟି ମାନ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ସମସ୍ୟା ସମାଧାନ ହେବ। ଚାକିରି କ୍ଷେତ୍ରରେ ଉନ୍ନତି ହେବ। ବ୍ୟବସାୟରେ ହଇରାଣ ହୋଇପାରନ୍ତି। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର - ଶୁକ୍ରବାର ଦିନ ମା' ଲକ୍ଷ୍ମୀଙ୍କୁ ପୂଜା କରଣୀୟ।

**ବିଛା** ସପ୍ତାହଟି କର୍ମକ୍ଷେତ୍ରରେ ସ୍ଥାନାନ୍ତରଣ ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। ଅଭୀଷ୍ଟ ପୂରଣ ହେବ। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ଦେଖାଦେବ। ପ୍ରତିକାର - ମଙ୍ଗଳବାର ଛୋଟପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ଧନୁ** ସପ୍ତାହଟି ବ୍ୟବସାୟରେ କ୍ଷତି ହୋଇପା।ର କର୍ମକ୍ଷେତ୍ରରେ ଅସୁବିଧାରେ ପଡ଼ିପାରନ୍ତି। ବନ୍ଧୁମାନେ ହଇରାଣ କରିପାରନ୍ତି। ପାରିବାରିକ ଅଶାନ୍ତି ବୃଦ୍ଧିପାଇବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର - ଗୁରୁବାର ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ମକର** ସପ୍ତାହଟି ଅଧିକ ପରିଶ୍ରମ ଦ୍ୱାରା ସଫଳତା ଲାଭ କରିବେ। ବ୍ୟବସାୟରେ ହଇରାଣ ହୋଇପାରନ୍ତି। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ପ୍ରତିକାର - ସକାଳୁ କାଉକୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ** ସପ୍ତାହଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇବ। ମାନସିକ ଅଶାନ୍ତି ଦେଖାଦେବ। ପ୍ରତିକାର - ଶନିବାର ଶନି ଦର୍ଶନ କରଣୀୟ।

**ମୀନ** ସପ୍ତାହଟି ବ୍ୟବସାୟରେ ଲାଭବାନ ହେବେ। ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରିବେ। ସାମାଜିକ ସମ୍ମାନଲାଭ କରିବେ। କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ପାରିବାରିକ ଅଶାନ୍ତି ଦେଖାଦେବ। ପ୍ରତିକାର - ଗୁରୁବାର ଦିନ ବୃହସ୍ପତିଙ୍କ ମନ୍ତ୍ରପାଠ କରଣୀୟ।

# ଚିକ୍‌ମାଗାଲୁର



କର୍ଣ୍ଣାଟକର ପଶ୍ଚିମ ଭାଗରେ ସ୍ଥିତ ଚିକ୍‌ମଗଲୁର ଏକ ସୁନ୍ଦର ଜିଲ୍ଲା। ମୁଖ୍ୟତଃ କଫି ବଗିଚା ଓ ସୁଖଦ ଜଳବାୟୁ ପାଇଁ ଏହି ଜିଲ୍ଲାଟି ବେଶ୍ ଲୋକପ୍ରିୟ। ୩୪୦୦ ଫୁଟ୍ ଉଚ୍ଚରେ ସ୍ଥିତ ଏହି ହିଲ୍ ଷ୍ଟେସନ୍‌ଟି ବିଭିନ୍ନ ସଂସ୍କୃତିର ସଙ୍ଗମସ୍ଥଳ। ଏହାର ଆଉ ଏକ ପ୍ରସିଦ୍ଧ ଆକର୍ଷଣ ହେଉଛି ବାବା ବୁଦନ ଗିରି ପର୍ବତମାଳା। ସୁରମ୍ୟ ପରିଦୃଶ୍ୟ ଓ ସବୁଜିମା କାରଣରୁ ଏହି ହିଲ୍ ଷ୍ଟେସନ୍‌ଟି ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିଥାଏ। ଚିକ୍‌ମଗଲୁରରେ ଉଠାଣି-ଓହ୍ଲାଣିର କ୍ଷେତ୍ର, ସୁନ୍ଦର ପାହାଡ଼ିଆ ଅଞ୍ଚଳ ଓ ସମତଳ ଅଞ୍ଚଳ ରହିଛି। ପ୍ରଥମେ ଚିକ୍‌ମଗଲୁରରୁ କଫିର ଆରମ୍ଭ ହୋଇଥିଲା ବୋଲି କୁହାଯାଏ। ବାବୁ ବୁଦନ ନାମକ ଜଣେ ସନ୍ଥ ଥିଲେ ଯିଏ ୧୬୭୦ରେ ୟମନରୁ କଫିର ବୀଜ ଆଣି ସେଠାରେ କଫି ଚାଷ ଆରମ୍ଭ କରିଥିଲେ। ଇଂରେଜମାନେ ମଧ୍ୟ କଫିର ବିକାଶରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ଚିକ୍‌ମଗଲୁର ଠାରେ ପ୍ରସିଦ୍ଧ ହେବ୍ବେ ଝରଣା, ଶାନ୍ତି ଝରଣା ଓ ଅନ୍ୟ କେତେକ ଝରଣା ରହିଛି। ଅନ୍ୟ ଦେଖିବାଯୋଗ୍ୟ ସ୍ଥାନଗୁଡ଼ିକ ମଧ୍ୟରେ ରହିଛି-

## ମୁଲ୍ଲାୟନଗିରି-

ଚିକ୍‌ମଗଲୁରର ସବୁଠାରୁ ଆକର୍ଷଣୀୟ ସ୍ଥାନ ମଧ୍ୟରୁ ଅନ୍ୟତମ ମୁଲ୍ଲାୟନଗିରି। କର୍ଣ୍ଣାଟର ଏହି ପାହାଡ଼ଟିର ଉଚ୍ଚତା ୨୦୦୦ ମିଟର। ଟ୍ରାକର୍ସଙ୍କର ଏହା ଏକ ପ୍ରିୟ ସ୍ଥାନ କାରଣ ସେଠାରେ କିଛି ଆହ୍ୱାନପୂର୍ଣ୍ଣ ଓ ସୁନ୍ଦର ଟ୍ରାକିଂ ଟ୍ରେଲ୍ସ ରହିଛି। ଯେଉଁ ଲୋକମାନେ ବାସ୍ତବରେ ସାହସିକ ଗତିବିଧିକୁ ପସନ୍ଦ କରନ୍ତି ନାହିଁ ସେମାନେ ପ୍ରକୃତିକୁ ଉପଭୋଗ କରିପାରିବେ। ପାହାଡ଼ର ଶୀର୍ଷ ଭାଗରେ ଏକ ମନ୍ଦିର ରହିଛି ଯେଉଁଠାରେ ଭଗବାନ ଶିବ ପୂଜା ପାଉଛନ୍ତି। ଥଣ୍ଡା ପବନ ସହିତ ଆଶ୍ଚର୍ଯ୍ୟଜନକ ପାହାଡ଼ଗୁଡ଼ିକ ଆପଣଙ୍କୁ ସୁଖମୟ ଅନୁଭବ ଦେବେ।



## ବାବା ବୁଦନ ଗିରି-

ଏହି ବିଚିତ୍ର ଜିଲ୍ଲାର ଏକ ମୁଖ୍ୟ ଓ ପ୍ରସିଦ୍ଧ ଆକର୍ଷଣ ବାବା ବୁଦନ ଗିରି ପର୍ବତମାଳା। ସହରର ଧ୍ୱନି ଓ ପ୍ରଦୂଷଣ ଠାରୁ ଦୂରରେ ସ୍ଥିତ ବାବା ବୁଦନ ଗିରି ପର୍ବତକୁ ଚନ୍ଦ୍ରଦ୍ରୋମ ପର୍ବତ ବୋଲି ମଧ୍ୟ କୁହାଯାଏ। ସେଠାରେ ସୁଫି ସନ୍ଥ ହଜରତ ଦାଦା ହୟାତ ଖାଲନ୍ଦରଙ୍କ ପାଇଁ ନିର୍ମିତ ହୋଇଥିବା ମଠ ପାଇଁ ମଧ୍ୟ ସ୍ଥାନଟି ପ୍ରସିଦ୍ଧ। ସେଠାକୁ ଉଭୟେ ହିନ୍ଦୁ ଓ ମୁସଲମାନ ଲୋକମାନେ ଯାଇପାରିବେ। ସେଠିକାର ଏକ ପ୍ରମୁଖ ଆକର୍ଷଣୀୟ ସ୍ଥାନ ତିନୋଟି ଅଲଗା ଅଲଗା ଗୁମ୍ଫା ଯେଉଁଠାରେ ତିନି ଜଣ ସିଦ୍ଧ ପୁରୁଷଙ୍କୁ କବର ଦିଆଯାଇଛି। କଲହଟ୍ଟି ଜଳପ୍ରପାତ-୪୦୦ ଫୁଟ୍ ଉଚ୍ଚରୁ ପ୍ରବାହିତ ହେଉଥିବା ଏହି ଜଳପ୍ରପାତର ଦୃଶ୍ୟ ଦେଖିବାଯୋଗ୍ୟ। ଦ୍ରୋଣ ପର୍ବତ ଏହାର ଆଖପାଖର ଅଧିକାଂଶ କ୍ଷେତ୍ରକୁ କଭର୍ କରି ରଖିଛି ଯାହା ପ୍ରକୃତିପ୍ରେମୀଙ୍କୁ ପସନ୍ଦ ଆସିବ। ଝରଣାରେ ଟ୍ରାକିଂ ପାଇଁ ଅନେକ ବିକଳ୍ପ ଓ ରାସ୍ତା ରହିଛି। ଜଙ୍ଗଲ ମଧ୍ୟରେ ଗତି କରିବା ବାସ୍ତବରେ ପର୍ଯ୍ୟଟକମାନଙ୍କୁ ରୋମାଞ୍ଚକ ଅନୁଭବ ଦେବ।



## ଭଦ୍ରା ଅଭୟାରଣ୍ୟ-

ଏହା ଏକ ପ୍ରୋଜେକ୍ଟ ଟାଇଗର୍ ରିଜର୍ଭ ଅଟେ ଯାହା ଚିକ୍‌ମଙ୍ଗଲୁରର ଉତ୍ତର-ପଶ୍ଚିମରେ ଅବସ୍ଥିତ। ଏହି ଲୋକପ୍ରିୟ ପର୍ଯ୍ୟଟନ ଆକର୍ଷଣଟି ଅନେକ ବନସ୍ପତି ଓ ଜୀବମାନଙ୍କର ଘର। ସେଠାକୁ ଯିବାର ଯୋଜନା ଯଦି ଥାଏ ତେବେ ସକାଳ ୬.୩୦ରୁ ୮.୩୦ ମଧ୍ୟରେ ଓ ସନ୍ଧ୍ୟା ୪-୬ଟା ମଧ୍ୟରେ ଯାଇପାରିବେ।



## ମାଣିକ୍ୟଧାରା ଝରଣା-

ସବୁଠାରୁ ଅଧିକ ପର୍ଯ୍ୟଟକ ଏହି ଝରଣାକୁ ଦେଖିବାକୁ ଯାଆନ୍ତି। ବର୍ଷର ଯେକୌଣସି ସମୟରେ ସେଠାକୁ ଯାଇ ଝରଣା ଓ ତା' ଆଖପାଖର ସବୁଜିମାମୟ ଦୃଶ୍ୟ ଉପଭୋଗ କରିହେବ। ଏହାର ପାଣିରେ ଗାଧୋଇଲେ ଆରାମ ମିଳେ। କାରଣ ଏଥିରେ ଥାଏ ଉପଚାରାତ୍ମକ ଶକ୍ତି।

କୁଦ୍ରେମୁଖ ରାଷ୍ଟ୍ରୀୟ ଉଦ୍ୟାନ-ମୁଖ୍ୟ ସହର ଠାରୁ ୯୬ କି.ମି ଦୂର ଏହି ରାଷ୍ଟ୍ରୀୟ ଉଦ୍ୟାନର ସବୁଠାରୁ ଆକର୍ଷଣୀୟ ଅଂଶ ହେଉଛି ପ୍ରାଚୀନ ବାତାବରଣ ଓ ପରିବେଶ। ସେଠାରେ ଲୋଭନୀୟ ଦୃଶ୍ୟ ଦେଖିବାକୁ ମିଳିବ। କଦମ୍ବୀ ଝରଣା କୁଦ୍ରେମୁଖ ରାଷ୍ଟ୍ରୀୟ ଉଦ୍ୟାନରେ ଅବସ୍ଥିତ।

## ମହାତ୍ମା ଗାନ୍ଧୀ ପାର୍କ-

ଏହି ପାର୍କକୁ ରତ୍ନଗିରି ବୋର ନାମରେ ସମସ୍ତେ ଜାଣନ୍ତି। ଚିକ୍‌ମଙ୍ଗଲୁରର ଉତ୍ତରରେ ସ୍ଥିତ ଏହା ଅନ୍ୟ ଏକ ଆକର୍ଷଣୀୟ ସ୍ଥାନ। ଆରମ୍ଭରେ ଏହା ଏକ ଜଙ୍ଗଲ ଥିଲା। ପରେ ଏହାକୁ ଖୁବ୍ ଭଲ ଭାବରେ ଡିଜାଇନ୍ କରାଯାଇଥିଲା। ଜୀବନ୍ତ ଓ ରଙ୍ଗିନ ଫୁଲ ସହିତ ଶୋ' ଗଛ ପାର୍କଟିକୁ ତାଜା କରାଇଥାଏ। ସେଠାରେ ନେହେରୁ ରୋଜ ଗାର୍ଡେନ୍ ବ୍ୟତୀତ ଆମ୍ଫିଥିଏଟର୍ ବି ରହିଛି ଯେଉଁଥିରେ ୨୫୦ ପ୍ରକାରର ଗୋଲାପ ଫୁଲ ରହିଛି।





## କୋଡଣ୍ଡା ରାମସ୍ୱାମୀ ମନ୍ଦିର-

ବାସ୍ତୁକଳାକୁ ଭଲ ପାଉଥିବା ପର୍ଯ୍ୟଟକଙ୍କ ପାଇଁ କୋଡଣ୍ଡା ରାମାସ୍ୱାମୀ ମନ୍ଦିର ଏକ ଦର୍ଶନୀୟ ସ୍ଥାନ। ଏହା ଏକ ଐତିହ୍ୟ ସ୍ମାରକ ଯାହାର ପାର୍ଶ୍ୱରେ ଏକ ଶୁଷ୍କ ପୁଷ୍କରିଣୀ ରହିଛି। ପ୍ରତିବର୍ଷ ସେଠାରେ 'ଯାତ୍ରା' ନାମକ ଏକ ଉତ୍ସବ ପାଳନ କରାଯାଏ। ଏହା ବ୍ୟତୀତ ଶାରଦା ମନ୍ଦିର, ଭଦ୍ରା ବନ୍ଧ ପରି ଅନ୍ୟ ଦର୍ଶନୀୟ ସ୍ଥାନ ସବୁ ସେଠାରେ ରହିଛି।

କେବେ ଯିବେ-ଚିକ୍‌ମଙ୍ଗଲୁର ଯିବା ପାଇଁ ହେଲେ ସବୁଠାରୁ ଉପଯୁକ୍ତ ସମୟ ସେପ୍ଟେମ୍ବରରୁ ମେ' ମାସ ପର୍ଯ୍ୟନ୍ତ। ଏହି ମାସଗୁଡ଼ିକରେ ପାଣିପାଗ ଅନୁକୂଳ ଥାଏ।




## କିପରି ଯିବେ-

ମାଙ୍ଗାଲୋର ଠାରୁ ଚିକ୍‌ମଙ୍ଗଲୁର ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରିବେ। ଚିକ୍‌ମଙ୍ଗଲୁର ଠାରେ ବିମାନ ବନ୍ଦର ନାହିଁ। ତେଣୁ ବେଙ୍ଗାଲୁରୁ ଓ ମାଙ୍ଗାଲୋର ସହର ଏହା ସହିତ ଯୋଡ଼ି ହୋଇ ରହିଛି। ଟ୍ରେନ୍‌ରେ ଯିବାକୁ ଚାହୁଁଥିଲେ ଗୁଦୁର ରେଳ ଷ୍ଟେସନ ପର୍ଯ୍ୟନ୍ତ ଯାଇପାରିବେ। ଏହା ଚିକ୍‌ମଙ୍ଗଲୁର ଠାରୁ ୪୦ କି.ମି ଦୂରରେ ଅବସ୍ଥିତ। ସଡ଼କ ମାର୍ଗ ଦ୍ୱାରା ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ବସ୍ କିମ୍ବା ଟ୍ୟାକ୍ସିର ଚୟନ କରିପାରିବେ।

ମନୋରଞ୍ଜନ

# 'ବର୍ଡର-୨'ରେ ଅହାନ





୧୯୯୭ରେ ରିଲିଜ ହୋଇଥିବା ଫିଲ୍ମ 'ବର୍ଡର୍'ର ସିକ୍ୱେଲ୍ ବିଷୟରେ ଏ ବର୍ଷର ଆରମ୍ଭରେ ଘୋଷଣା କରାଯାଇଥିଲା। ଏବେ ନୂଆ କଳାକାରଙ୍କୁ ନେଇ ନିର୍ମାତାମାନେ 'ବର୍ଡର-୨' ସହିତ ବ୍ୟସ୍ତ ଅଛନ୍ତି। ଏଥିରେ ସନି ଦେଓଲ୍‌ଙ୍କ ଭୂମିକାକୁ ନେଇ ପୂର୍ବରୁ ସୁନିଶ୍ଚିତ କରିଦିଆଯାଇଥିଲା। ଏବେ ସନି ଏହି ବାଟାଲିଅନ୍‌ରେ ସ୍ୱାଗତ କରିଛନ୍ତି ସୈନିକ ଅହାନ ସେଟ୍ଟିଙ୍କୁ। ଅହାନ ଏକ ପୋଷ୍ଟରେ ଲେଖିଛନ୍ତି- 'ବର୍ଡର୍' ଏକ ଫିଲ୍ମ ନୁହେଁ ଏହାଠାରୁ ବହୁତ ଅଧିକ, ଏକ ଭାବନା। ଏହା ସହିତ ମୋର ସ୍ୱପ୍ନ ସତ୍ୟ ହୋଇଛି। ସନି ଦେଓଲ୍ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ। ପୂର୍ବରୁ ନିର୍ମାତାମାନେ ଦିଲ୍‌ଜିତ ଦୋସାଂଝଙ୍କୁ ଏହାର ଷ୍ଟାର୍‌କାଷ୍ଟରେ ସାମିଲ କରିସାରିଛନ୍ତି। ତେବେ ବରୁଣ ଧୱନ 'ବର୍ଡର-୨'ରେ ସାମିଲ ହୋଇଥିବା ପ୍ରଥମ ଅଭିନେତା ଥିଲେ। ଏହାର କାହାଣୀ ଲେଖିଛନ୍ତି ନିଧି ଦତ୍ତା ଓ ଭୂଷଣ କୁମାର। ଏହାକୁ ପ୍ରଡ୍ୟୁସ୍ କରିଛନ୍ତି କୃଷ୍ଣ କୁମାର, ଜେପି ଦତ୍ତା ଓ ନିଧି ଦତ୍ତା। ଅନୁରାଗ ସିଂହ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି। ଲୋଙ୍ଗେୱାଲାର ଲଢ଼େଇର କାହାଣୀକୁ ନେଇ ଫିଲ୍ମଟିକୁ ପ୍ରସ୍ତୁତ କରାଯାଉଛି। ଏହାର ସୁଟିଂ ବହୁତ ଶୀଘ୍ର ଆରମ୍ଭ ହେବ। ତେବେ ଫିଲ୍ମଟି ୨୦୨୬ ଜାନୁଆରୀରେ ରିଲିଜ ହୋଇପାରେ।



# ଦି ଦିଲ୍ଲୀ ଫାଇଲ୍ସ: ଏକ ନୂଆ କାହାଣୀ

ଫିଲ୍ମ ନିର୍ମାତା ବିବେକ ରଞ୍ଜନ ଅଗ୍ନିହୋତ୍ରୀ ସବୁବେଳେ ନିଜର ଫିଲ୍ମଗୁଡ଼ିକ ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି ଫିଲ୍ମଗୁଡ଼ିକ ଜରିଆରେ ସେ ବିବାଦୀୟ ମୁଦ୍ଦାଗୁଡ଼ିକୁ ଉଠେଇବା ସହିତ ଦର୍ଶକ ମହଲରେ ହଲଚଲ ସୃଷ୍ଟି କରିଥାନ୍ତି। ଦି ତାସ୍‌କେଣ୍ଟ ଫାଇଲ୍ସ, ଦି କାଶ୍ମୀର ଫାଇଲ୍ସ, ଓ ଦି ଭ୍ୟାକ୍ସିନ୍ ୱାର୍ ପରି ସଫଳ ଫିଲ୍ମଗୁଡ଼ିକର ନିର୍ମାଣ ପରେ ଏହି ଜାତୀୟ ପୁରସ୍କାର ପ୍ରାପ୍ତ ଫିଲ୍ମ ନିର୍ମାତା ଜଣକ ତାଙ୍କର ଆଗାମୀ ଫିଲ୍ମ 'ଦି ଦିଲ୍ଲୀ ଫାଇଲ୍ସ' ସହିତ ଆଉ ଏକ କାହାଣୀକୁ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ବିବେକ ଅଗ୍ନିହୋତ୍ରୀ ହାତ ମିଳାଇଛନ୍ତି ପ୍ରଡ୍ୟୁସର୍ ଅଭିଷେକ ଅଗ୍ରୱାଲ୍‌ଙ୍କ ସହିତ। ଅଭିଷେକ, ଫିଲ୍ମ 'ଦି କାଶ୍ମୀର ଫାଇଲ୍ସ'ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫିଲ୍ମଟି ଦର୍ଶକ ମହଲରେ ପ୍ରସିଦ୍ଧି ପାଇବା ସହିତ ବକ୍ସ ଅଫିସ୍‌ରେ ମଧ୍ୟ ଖୁବ୍ ଭଲ ଫଳାଫଳ ଦେଇଥିଲା। ତେବେ ଫିଲ୍ମ 'ଦି ଦିଲ୍ଲୀ ଫାଇଲ୍ସ'କୁ ଦୁଇଟି ପାର୍ଟରେ ନିର୍ମାଣ କରାଯିବ। ବର୍ତ୍ତମାନର ପ୍ରଥମ ପାର୍ଟ 'ଦି ଦିଲ୍ଲୀ ଫାଇଲ୍ସ- ଦି ବେଙ୍ଗଲ୍ ଚାପ୍ଟର' ୧୫ ଅଗଷ୍ଟ, ୨୦୧୫ରେ ରିଲିଜ ହେବ। ଏହି ଫିଲ୍ମର କାହାଣୀ ପାଇଁ ବିବେକ କେରଳରୁ କୋଲକାତା ଓ ଦିଲ୍ଲୀ ପର୍ଯ୍ୟନ୍ତ ଯାତ୍ରା କରି କେତେକ ତଥ୍ୟକୁ ଏକତ୍ରିତ କରିବା ସହିତ ୧୦୦ରୁ ଅଧିକ ପୁସ୍ତକ ପଠନ ଓ ୨୦୦ରୁ ଅଧିକ ଲେଖନୀ ପଢ଼ିଥିଲେ। ଏହା ସହିତ ୨୦ଟି ରାଜ୍ୟ ଗସ୍ତ କରିବା ସହିତ ୭୦୦୦ରୁ ଅଧିକ ରିସର୍ଚ୍ଚ ପେଜେସ୍ ଓ ୧୦୦୦ରୁ ଅଧିକ ଆର୍କାଇଭ୍ ଆର୍ଟିକିଲ୍ସ ଉପରେ ସେ ଅଧ୍ୟୟନ କରିଛନ୍ତି। ଏହି ସବୁ କାରଣ ପଟ୍ଟକଥାକୁ ମଜଭୁତ କରେଇବାରେ ସାହାଯ୍ୟ କରିବେ।

# 'ହାଉସ୍‌ଫୁଲ୍-୫' ସୁଟିଂ ଆରମ୍ଭ



ସାଜିଦ୍ ନାଡିଆଦ୍‌ୱାଲାଙ୍କ 'ହାଉସ୍‌ଫୁଲ୍' ଫ୍ରାଞ୍ଚାଇଜ୍‌ର ଏ ପର୍ଯ୍ୟନ୍ତ ଚାରୋଟି ଫିଲ୍ମ ରିଲିଜ ହୋଇସାରିଛି। ଦର୍ଶକମାନଙ୍କୁ କିଛି ନୂଆ ଅନୁଭବ ଦେବା ପାଇଁ ନିଷ୍ପତ୍ତି ନେଇ ଏ ସମୟରେ ଅକ୍ଷୟ କୁମାର, ଜନ୍ ଆବ୍ରାହମ୍, ଅଭିଷେକ ବଚ୍ଚନ ଓ ବବି ଦେଓଲ ଅଭିନୀତ ଫିଲ୍ମ 'ହାଉସ୍‌ଫୁଲ୍-୫'ର ସୁଟିଂ ଆରମ୍ଭ ହୋଇଛି। ଏମାନଙ୍କ ବ୍ୟତୀତ ଫିଲ୍ମରେ ଚିତ୍ରାଙ୍ଗଦା ସିଂହ, ଫାର୍‌ଦିନ ଖାନ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିସ୍, ନର୍‌ଗିସ୍ ଫାଖରୀ, ସୋନମ୍ ବାଜୱା, ଚଙ୍କି ପାଣ୍ଡେ, ନାନା ପାଟେକର, ଜ୍ୟାକି ଶ୍ରଫ୍, ଜନି ଲିଭର, ରଞ୍ଜିତ, ଡିନୋ ମୋରିଆ ଓ ସୌନ୍ଦର୍ଯ୍ୟା ଶର୍ମା ନଜର ଆସିବେ। ୪୫ ଦିନ ଧରି ଲଣ୍ଡନରୁ ଫ୍ରାନ୍ସ, ସ୍ପେନ୍ ଓ ପୁଣି ୟୁକେ ପର୍ଯ୍ୟନ୍ତ ବିଭିନ୍ନ ଦେଶରେ ଫିଲ୍ମର ସୁଟିଂ ଚାଲିବ। ଫିଲ୍ମଟି ଆସନ୍ତା ବର୍ଷ ଶେଷ ଆଡ଼କୁ ରିଲିଜ ହୋଇପାରେ। ୨୦୧୦ରେ ଅକ୍ଷୟ କୁମାରଙ୍କ ସହିତ ମିଶି ସାଜିଦ୍ ନାଡିଆଦ୍‌ୱାଲା 'ହାଉସଫୁଲ୍' ଫ୍ରାଞ୍ଚାଇଜ୍ ଆରମ୍ଭ କରିଥିଲେ। ଏହାପରେ ୨୦୧୨, ୨୦୧୬ ଓ ୨୦୧୯ରେ ଏହାର ଅନ୍ୟ ପାର୍ଟଗୁଡ଼ିକୁ ରିଲିଜ କରାଯାଇଛି। ହସଖୁସି, ମନୋରଞ୍ଜନ ଓ ପାଗଳପଣର ଏହି ଫିଲ୍ମଟି ରିଲିଜ ହେବ ୬ ଜୁନ୍, ୨୦୨୫ରେ। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ତରୁଣ ମନସୁଖାନୀ।



# ରିଲିଜ ହେବ 'ଦୁର୍ଗା'



ନାରୀ ଜନନୀ, ଭଗିନୀ, ଜାୟା, ନାରୀ ପୁଣି ସର୍ବଂସହା ଓ ମହାନୀୟା..ସେ ଅନନ୍ୟା ସେ ପୁଣି ଅନିନ୍ଦିତା। ନାରୀ ଅନେକ କିଛି ମୁଣ୍ଡ ନୁଆଇଁ ସହିଯାଏ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ଭାଳିବାକୁ ଯାଇ ସେ ଯେ କେତେ କଣ୍ଟକିତ ପଥ ଅତିକ୍ରମ କରେ ଭାବିଲେ ତାହା ବିଶ୍ୱାସ ମଧ୍ୟ କରି ହୁଏନି। ଦୁଇଟି ପରିବାର ଭିତରେ ଯୋଗସୂତ୍ର ସେ ବାନ୍ଧିଥାଏ। ନାରୀର କେବେ ସ୍ନେହମୟୀ ରୂପ ଦେଖିବାକୁ ମିଳେ ତ କେବେ ପୁଣି ସେ ଶତ୍ରୁଙ୍କୁ ସଂହାର କରେ। ନାରୀର ଅନେକ ରୂପ ଓ ଗୁଣକୁ ବର୍ଣ୍ଣନା କରି ଦୃଷ୍ଟାନ୍ତମୂଳକ ଭାବେ ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ, ମା' ଦୁର୍ଗତିନାଶିନୀ ଦୁର୍ଗା ଏବଂ ମୋହନ ଗୋସେଇଁଙ୍କୁ ସମର୍ପିତ କରି ନଅ ତାରିଖରେ ରିଲିଜ ହେବାକୁ ଯାଉଛି ଫିଲ୍ମ 'ଦୁର୍ଗା'। ସିନେମାଟି ଶ୍ରୀକ୍ଷେତ୍ର ପୁରୀ ପୌର ସଦନରୁ ପ୍ରଦର୍ଶନ ଆରମ୍ଭ କରି ଆସନ୍ତା କାଳୀପୂଜା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସିନେମା ହଲ୍ ଓ ଥିଏଟର୍‌ରେ ପ୍ରଦର୍ଶିତ ହେବ। କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜନାରେ ଅନସମିସ୍ ପ୍ରଡକ୍ସନ୍ସ ବ୍ୟାନର୍‌ରେ ତାପସ ସରଘରିଆଙ୍କ ଏହି ସଂପୂର୍ଣ୍ଣ ମୌଳିକ କାହାଣୀକୁ ନେଇ ଫିଲ୍ମଟିର ନିର୍ମାଣ କରାଯାଇଛି। ସୁରେଶ ପଟ୍ଟନାୟକ ଏହାର ଚିତ୍ରନାଟ୍ୟ ଦାୟିତ୍ୱରେ ରହିଥିବା ବେଳେ ଫିଲ୍ମଟିର ସଂଳାପ ଲେଖିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ତାପସ ସରଘରିଆ। ଏକ ଭିନ୍ନ ଚରିତ୍ର ନେଇ ମୁଖ୍ୟ ଭୂମିକାରେ ଆସୁଛନ୍ତି ଅଭିନେତ୍ରୀ ପୁନମ ମିଶ୍ର। ଅନ୍ୟାନ୍ୟ ମୁଖ୍ୟ ଭୂମିକାରେ ମୁମ୍ବାଇ ଅଭିନେତ୍ରୀ ଇଷା ତଲୱାର, ରାଜ ରାଜେଶ, ଅଭିଷେକ ଗିରି, ହରିହର ମହାପାତ୍ର, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ପୃଥ୍ୱୀରାଜ ନାୟକ, ବିଦୁସ୍ମିତା, ଶମ୍ଭୁନାଥ ହୋତା, ଇଲୁ ବାନାର୍ଜୀ। ଅନ୍ୟମାନଙ୍କ ମଧ୍ୟରେ ଅର୍ପଣ ମିଶ୍ର, ସନ୍ଧ୍ୟା ବିଶୋଇ, ଗୋଲକ ମହାରଣା, ହିମାଂଶୁ, କୁନାଲ ପଟ୍ଟନାୟକ, ମାନସ ମିଶ୍ର, କାଞ୍ଚନ ଦାସ, ଲକି, ମାମାଲି ସାହୁ ଏବଂ ମଧୁ ପ୍ରମୁଖ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି। ଅଭିନେତ୍ରୀ ରିଆ ଦେ ଏକ ସ୍ୱତନ୍ତ୍ର ଭୂମିକାରେ ନଜର ଆସିବେ।

# ରାଜ୍ କରିବେ ବବି



ଫିଲ୍ମ 'ଆନିମଲ୍'ରେ ତାଙ୍କର ଭିଲେନ୍ ଚରିତ୍ରକୁ ଦେଖିବା ପରେ ନିର୍ମାତାମାନଙ୍କର ପ୍ରଥମ ପସନ୍ଦ ହୋଇଛନ୍ତି ଅଭିନେତା ବବି ଦେଓଲ୍। ଏପରିକି ବର୍ତ୍ତମାନ ସମୟରେ ଶାହାରୁଖ, ସଲମାନ ଓ ରନ୍‌ବୀର କପୁରଙ୍କ ଠାରୁ ମଧ୍ୟ ବବିଙ୍କ ହାତରେ ରହିଛି ଅଧିକ ଫିଲ୍ମ। ଆସନ୍ତା ବର୍ଷ ବବିଙ୍କର ଚାରୋଟି ଫିଲ୍ମ ରିଲିଜ ହେବ ଯେଉଁଗୁଡ଼ିକରେ ତାଙ୍କୁ ଭିଲେନ୍ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକମାନେ। ଏହି ସୂଚୀରେ ଅଛି ଏନ୍‌ବିକେ ୧୦୯ ଯେଉଁ ଫିଲ୍ମର ନାମ ଏ ପର୍ଯ୍ୟନ୍ତ ରଖାଯାଇ ନାହିଁ। ଏଥିରେ ଇମ୍ରାନ ହାସ୍‌ମୀ, ଦୁଲକର ସଲ୍‌ମାନ ଓ ଉର୍ବଶୀ ରୌତେଲା ମଧ୍ୟ ନଜର ଆସିବେ। ଫିଲ୍ମଟି ଏ ବର୍ଷ ଡିସେମ୍ବରରେ ରିଲିଜ ହେବାର ଥିଲା କିନ୍ତୁ ଆସନ୍ତା ବର୍ଷ ମକର ସଂକ୍ରାନ୍ତିରେ ରିଲିଜ ହୋଇପାରେ। ଫିଲ୍ମ 'ହରିହର ବୀରମଲ୍ଲୁ'ରେ ପବନ କଲ୍ୟାଣଙ୍କର ରହିଛି ମୁଖ୍ୟ ଭୂମିକା। ଏଥିରେ ବବି ଔରଙ୍ଗଜେବଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି। ଫିଲ୍ମଟି ୨୮ ମାର୍ଚ୍ଚରେ ରିଲିଜ ହେବ। ୱାଇଆର୍‌ଏଫ୍ ସ୍ପାଇ ୟୁନିଭର୍ସର ଫିଲ୍ମ 'ଆଲ୍ଫା'ର ସୁଟିଂ ଏବେ ଚାଲିଛି। ଏଥିରେ ଆଲିଆ ଭଟ୍ଟ, ଶରଭରୀ ବାଘ୍‌ଙ୍କ ସହିତ ବବିଙ୍କର ଟକ୍କର ହେବ। 'ଥଲାପତି ୬୯' ବବିଙ୍କର ସବୁଠାରୁ ଏକ ବଡ଼ ପ୍ରୋଜେକ୍ଟ ଯାହାର ବଜେଟ୍ ରହିଛି ୧୦୦୦ କୋଟି। ଏହା ଥଲାପତି ବିଜୟଙ୍କର ଶେଷ ଫିଲ୍ମ ହେବାକୁ ଯାଉଛି। ଏହାପରେ ସେ ରାଜନୀତିରେ ଯୋଗ ଦେବେ। ଫିଲ୍ମରେ ପୂଜା ହେଗ୍‌ଡେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି।







# ଅଣଦେଖା କରନ୍ତୁ ନାହିଁ:

ପିଲାଟିଏ ସବୁବେଳେ ଚାହେଁ ବାପାମାଆଙ୍କ ଠାରୁ ସ୍ନେହ-ଶ୍ରଦ୍ଧା ପାଉ। ବାପାମାଆମାନେ ସବୁବେଳେ ପିଲାଙ୍କୁ ଟାଣକଥା କହିବା କିମ୍ବା ସେମାନଙ୍କୁ ଆଖିଦେଖା କରିବା ଉଚିତ ନୁହେଁ। ସେମାନେ ଘର ଭିତରେ ରହି ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଘରର ମୁରବୀ ହିସାବରେ ଆପଣଙ୍କର ଅନେକ ଟେନ୍‌ସନ୍ ଥାଇପାରନ୍ତି କିନ୍ତୁ ପିଲାଙ୍କୁ ଏହି ଟେନ୍‌ସନ୍‌ର ଭାଗୀଦାର କରନ୍ତୁ ନାହିଁ କି ସେମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ସେମାନେ କୋମଳମତି ହୋଇଥିବା କାରଣରୁ ଅଧିକ ପରିମାଣରେ ଭାଙ୍ଗିପଡ଼ନ୍ତି ଓ ମାନସିକ ବିକାର ବି ସେମାନଙ୍କ ଭିତରେ ଆସିପାରେ। ସେମାନେ ମାସ ମାସ ଧରି ଘରକୋଣରେ ରହବା ଦ୍ୱାରା ମାନସିକ ଭାବରେ ମଧ୍ୟ ଅନେକ କ୍ଷତିଗ୍ରସ୍ତ ହୋଇଥାନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହିବା ଫଳରେ ମାନସିକ ଅଭିବୃଦ୍ଧି ମଧ୍ୟ ବ୍ୟାହତ ହୋଇଥିଲା। ଏପରିସ୍ଥଳେ ପିଲାଙ୍କୁ ନିଜର ଟେନ୍‌ସନ୍‌କୁ ନେଇ ସେମାନଙ୍କ ଅଳିଅର୍ଦ୍ଦଳିକୁ ବେଖାତିର କରିବା ଉଚିତ ନୁହେଁ। ନିଜକୁ ମାନସିକ ଚାପରୁ ରକ୍ଷା କରିବା ସହ ପିଲାଙ୍କୁ ଏହି ଚାପରୁ ରକ୍ଷା କରିବା କର୍ତ୍ତବ୍ୟ ଆମମାନଙ୍କର ରହିଛି। ଏହି ସମୟରେ ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହିତ ଚାପମୁକ୍ତ କରାନ୍ତୁ। ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ସମର୍ପଣ ଭାବ ଅଭିଭାବକଙ୍କର ରହିବା ଉଚିତ୍।





# ଶାଳୀନତା ରକ୍ଷା କରନ୍ତୁ:

ଅନେକ ମେଧାବୀ ଛାତ୍ର ନିଜର କ୍ୟାରିୟର ଭଲ ଥିଲେ ବି ଚାକିରି ସମୟରେ ବ୍ୟବହାର ଭଲ ପ୍ରଦର୍ଶନ କରି ନଥାନ୍ତି। ଫଳରେ ଯେତେ ଭଲ କ୍ୟାରିୟର ଥାଉନା କାହିଁକି ଚାକିରି କରୁଥିବା ସଂସ୍ଥାର ଉପରିସ୍ଥ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥାନ୍ତି। କ୍ୟାରିୟର ସହିତ ନିଜର ସପ୍ଟ ସ୍କିଲ୍‌କୁ ଡେଭଲପ୍ କରିବା ଦରକାର। ଯଦି ଆମେ ବ୍ୟବହାରର ଶାଳୀନତା ରକ୍ଷା ନ କରିପାରିବା, ତା'ହେଲେ ଜବ୍ କରୁଥିବା ସ୍ଥାନ ବି ଆମ ପାଇଁ ସୁରକ୍ଷିତ ନୁହେଁ। ସବୁବେଳେ ଆମର ପରିବେଶ, ବ୍ୟକ୍ତିତ୍ୱ ଓ ଶୃଙ୍ଖଳାକୁ ଭଲ ଭାବରେ ବଜାୟ ରଖିବା ଦରକାର। ଫଳରେ ଜଣେ ଉତ୍ତମ କର୍ମଚାରୀ ଭାବରେ ଅଫିସରେ ନିଜର ବ୍ୟକ୍ତିତ୍ୱ ବଜାୟ ରଖିବା ଅସମ୍ଭବ ହୋଇପାରିବ। ଅନେକ ନିଜର ବ୍ୟବହାରରେ ରୁକ୍ଷଭାବ ପ୍ରଦର୍ଶନ କରିଥାନ୍ତି। ଅନ୍ୟ ସହକର୍ମୀଙ୍କ ସହ ଭଲ ଭାବରେ ସହଯୋଗ ନକରି ହାକିମାତି ଦେଖାନ୍ତି, ଏହାଦ୍ୱାରା ନିଜର ବ୍ୟକ୍ତିତ୍ୱ ଲୁଜ୍ ହେବା ସହ ଅଫିସରେ ସୁସ୍ଥ ବାତାବରଣ ବଜାୟ ରଖିବା ସମ୍ଭବ ହୋଇ ନଥାଏ। ଫଳରେ ଅଫିସରେ କାମ କରିବା ସମସ୍ତଙ୍କୁ ସହଜ ହୋଇ ନଥାଏ। ଏଣୁ ବ୍ୟବହାରରେ ଶାଳୀନତା ରକ୍ଷା କରିବା ନିହାତି ଜରୁରୀ।



# ସୁଖୀ ହେବାର ସୂତ୍ର

ନନ୍ଦିତା ମହାନ୍ତି



ଲୋଚନୀ ଗଲା ଦଶ ବର୍ଷ ହେଲା ମୋ ଘରେ କାମ କରୁଛି । ସ୍ୱାମୀଙ୍କର ବଦଳି ଚାକିରି ଯୋଗୁଁ ମୁଁ ଯେବେ ଏହି ଆପାର୍ଟମେଣ୍ଟରେ ପ୍ରଥମ କରି ରହିବାକୁ ଆସିଲି । ଆପାର୍ଟମେଣ୍ଟର କେୟାରଟେକର ତା' ସହିତ ମୋର ପରିଚୟ କରେଇ ଦେଇଥିଲା । ପୂର୍ବରୁ ସିଏ ସେଇ ଆପାର୍ଟମେଣ୍ଟରେ ତିନି/ଚାରି ଘରେ କାମ କରୁଥିଲା । ଆଉ ସେଇ ପ୍ରଥମ ଦେଖା ହେବା ଦିନଠାରୁ ସିଏ ମୋ ଘରେ କାମ କରୁଛି । ଲୋଚନୀ ବିଧବା, ଦୁଇଟି ଟିକି ଟିକି ଝିଅଙ୍କର ମାଆ । ସ୍ୱାମୀ ମଲା ପରେ ସିଏ ଗୋଡ କାଢିଥିଲା ଘରୁ । ଗୋଡ ନକାଢି ଆଉ ଉପାୟ କଣ ଥିଲା ଯେ ତା ପାଖରେ । ସ୍ୱାମୀ ଗଲା । ଘର ଲୋକ ହିଂସାବାଦ କରି ଘରୁ ଅଲଗା କରି ଦେଲେ ତାକୁ । ଚୁଲି ଉପରେ ହାଣ୍ଡି ମାଙ୍କଡଚିତ୍ ମାରିଲା ଆଉ ବାଳୁତ ପିଲା ଦିଇଟା ପେଟ ବିକଳରେ କିଲିବିଲି ହେଲେ, ତ ସିଏ ବାଧ ହୋଇ ଗୋଡ କାଢିଲା ଘରୁ । କାମଧନ୍ଦା କରି ପେଟ ପୋଷିବାକୁ । କଣ ଯୋଗ୍ୟତା ଥିଲା ଯେ ତା'ର ? ସ୍ୱାମୀ ପ୍ରେମ କରି ବାହା ହେଇଥିଲା ଯେ ରାଣୀ କରି ରଖିଥିଲା ଘରେ । ସବୁକିଛି ଗୋଡ ତଳକୁ ଯୋଗେଇଥିଲା । ପାଠ ଦି' ଅକ୍ଷର ପଢିଥିଲେ ଯାହି ହେଲେ କରିଥାନ୍ତା । ଶେଷରେ ଏଇ ବାସନମଜା, ଝାଡୁପୋଛା କାମ କଲା ସିଏ ବାବୁମାନଙ୍କ ଘରେ ।

ଲୋଚନୀ କହେ, ସମସ୍ତେ ପର କରିଦେଲେ ମାଆ । ଯେଉଁ ଲୋକମାନେ ସ୍ୱାମୀ ଥିଲା ବେଳେ ମୋ ଆଗରେ ମୁଣ୍ଡ ନୁଆଉଁ ଥିଲେ ସେଇମାନେ ଲଙ୍ଗଳା ହାତ, ଲଙ୍ଗଳା କପାଳ ଦେଖିଲା କ୍ଷଣି ମୁଣ୍ଡରେ ଆସି ବସିବାକୁ ଚେଷ୍ଟା କଲେ । ଦିନେ ତ ମୋରି ଘର ପାଖର ମରଦଟେ, ଦେଢଶୁର ଲେଖା ହେବ, ମୋ ସ୍ୱାମୀ ବଞ୍ଚିଥିଲା ବେଳେ ଅନେକ ସମୟରେ ସାହାଯ୍ୟ କରୁଥିଲା ତାକୁ, ମୁଁ ପିଣ୍ଡା ତଳେ ଯାଉଥିଲା ବେଳେ ଜଙ୍ଘ ବାଡେଇ ମୋତେ ଚାହିଁ କହିଲା, ଆସୁନୁ ଲୋ ମୋ ପାଖକୁ ରାଣୀ କରି ରଖିବି । ଆଉ କୁଆଡେ କିଆଁ ଯାଉଛୁ ! ସେଦିନ ମୁଁ ତାକୁ ଚପଲ ଖୋଲି ପିଟିଲି ଆଉ ମନ ସ୍ଥିର କଲି, ନିଜେ ଖଟି ଖାଇବି । ସେଇ ଦିନଠୁ ମାଆ, ମୁଁ ପଛକୁ ବୁଲି ଚାହିଁନି । ବାପ ସିନା ଅକୂଳରେ ଛାଡି ପଳେଇଲା, ହେଲେ ଛୁଆ ଦି'ଟା କି ବା ଦୋଷ କରିଛନ୍ତି । ତାଙ୍କୁ ଯେମିତି ହେଲେ କୂଳରେ ଲଗେଇବି ମୁଁ । ଭଗବାନ ଦେଲା ତ ଦେଲା, ଦୁଇ ଦୁଇଟା ଝିଅ ଛୁଆ । ପାଠପଢା, ବାହାଘର ...କେତେ କଥା । ହଁ ...ସେଇ ଦେଇଛି ସେ ହିଁ ବୁଝିବ । ମୁଁ ସେ କାଳିଆକୁ କହିଛି, ଆମେ ମାଆଛୁଆ ତୋତେ ଲାଗିଲୁ । ମାରିଲେ ମାର, ତାରିଲେ ତାର ।

କାମସାରି ଗଲାବେଳେ କେବେ କେବେ ସିଏ କହିବ,' ମାଆ ଆଜି ଲଗେଇ ଖାଇବାକୁ କିଛି ନାହିଁ, ଆମ୍ଭୁଲ ଦି'ଖଣ୍ଡ ଦିଅନ୍ତନି କି ଆଉ କେଉଁ ଦିନ କହିବ ତୁମ ଛୁଆଙ୍କର ଗୋଟେ ପୁରୁଣା ସ୍କୁଲ ବ୍ୟାଗ ଦିଅନ୍ତନି, ବଡ ଝିଅଟା ସେଇ ଜରି ଅଖାବ୍ୟାଗ ଧରି ସ୍କୁଲ ଯିବାକୁ ମଙ୍ଗୁନି ପରା । ମାଆ ରାସନ କାର୍ଡ ଖଣ୍ଡେ କେମିତି ହେଇ ପାରିବ ବୁଝି ଦିଅନ୍ତନି, ମାସକୁ ପନ୍ଦର କିଲେ ଟଙ୍କିକିଆ ଚାଉଳ ମିଳିଲେ ହେଲେ ଚଳିବାକୁ ଟିକେ ସୁବିଧା ହୁଅନ୍ତା । ଦରଦାମ ତ କେମିତି ବଢୁଛି ସେକଥା ତ ମାଆ ତୁମେ ଦେଖୁଛ ।'



ଏମିତି ଏମିତି ଲୋଚନୀର ଅନେକ ଦୁଃଖ, ଅନେକ ଲାଞ୍ଛନା, ଅନେକ ଅନୁଶୋଚନା, ଅନେକ କଷ୍ଟ ...ଅନେକ ....କାହାଣୀ । ହେଲେ ଲୋଚନୀ କେମିତି ଏତେ ହସିପାରେ, କେମିତି ଏତେ ଖୁସିରେ ରହିପାରେ ଏତେ ନାଇଁ ନାଇଁ ଭିତରେ । ମୋତେ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ । ଲୋଚନୀ ଘର ପୋଛୁ ପୋଛୁ ଗୁଣୁଗୁଣୁ ହେଇ ଗୀତ ଗାଉଥାଏ । ବାସନ ମାଜୁ ମାଜୁ କାନେଇଥାଏ ମୋ ଘରେ ବାଜୁଥିବା ପୁରୁଣା ଓଡିଆ ଗୀତକୁ । ଆଉ କେତେବେଳେ ତା ଶାଶୁ କେମିତି ଖେଳଣା ସାପକୁ ଦେଖି ଚମକି ଯାଇ, ହାଉଳି ଖାଇ ଗଳି ପଡିଲା ପିଣ୍ଡା ତଳକୁ ସେକଥା କହି ହସି ହସି ଗଡିଯାଏ ।

ଗୋଟେ ପଟେ ଲୋଚନୀ ଯିଏ 'ଢୋକେ ଖାଇ ଦଣ୍ଡେ ବଞ୍ଚେ' ଆଉ ଗୋଟେ ପଟେ ଆମ କଲୋନୀରେ ରହୁଥିବା ମିସେସ ମହାପାତ୍ର, କଣ ନାହିଁ ତାଙ୍କ ପାଖରେ । ଜଣେ ମଣିଷ ଖୁସିରେ ରହିବା ପାଇଁ ସମସ୍ତ ଜିନିଷ ମହଜୁଦ ଅଛି । ଯେମିତି କି ଛୋଟ ପରିବାର, ସ୍ୱାମୀଙ୍କର ଭଲ ଚାକିରି, ଭୁବନେଶ୍ୱରରେ କୋଠାବାଡି, ଗାଡିମଟର, ବ୍ୟାଙ୍କବାଲାନ୍ସ .... । ହେଲେ ବି ଯେତେବେଳେ ତାଙ୍କ ସହିତ ଦେଖା ହେବ ମୁହଁ ଶୁଖେଇ କହିବେ, ମନଟା ଭଲ ନାହିଁ ପରା, ସ୍ୱାମୀଙ୍କର ପ୍ରୋମୋଶନ ହେଲା, କ୍ଲାସ୍ ୱାନ୍ ଅଫିସର.....ହେଲେ କଣ ହେବ, ଟ୍ରାନ୍ସଫର ହୋଇଛି କୋରାପୁଟ । ଏତେ ବର୍ଷ ଭୁବନେଶ୍ୱରରେ ରହିଲା ପରେ କେମିତି ଆଉ କେଉଁଠି ଯାଇ ଚଳିହେବ କହିଲ ! ଆଉ କେବେ ତାଙ୍କର ମୁହଁ ଶୁଖେଇବାର କାରଣ ଥିବ ତାଙ୍କ ପୁଅ ମାତ୍ର ଦୁଇ ମାର୍କ ପାଇଁ କ୍ଲାସରେ ଦ୍ୱିତୀୟ ହେଇଛି । ଆଉ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାଟି ଯେହେତୁ ତାଙ୍କ ସ୍କୁଲର ଜଣେ ଟିଚରଙ୍କର ପୁଅ, ତେଣୁ ତାକୁ ଅଧିକ ମାର୍କ ମିଳିଛି ..... ।

ଏଇଟା କେବଳ ମିସେସ ମହାପାତ୍ରଙ୍କର କାହାଣୀ ନୁହେଁ । ଅନେକ ଲୋକ ଏମିତି ଦୁଃଖି ହେବାର ଖିଅଟିଏ ଖୋଜୁଥାନ୍ତି ବୋଧହୁଏ । ପ୍ରୋମୋଶନ ହେଲା ଆଉ ଟ୍ରାନ୍ସଫର ନହେଲେ ଦୁଃଖ, ପ୍ରୋମୋଶନ ହେଇ ଟ୍ରାନ୍ସଫର ହେଲେ ବି ଦୁଃଖ । ବହୁତ ଗରମ ହେଲେ ଦୁଃଖ, ବର୍ଷା କାଇଁ ହେଉନି । ଆଉ ବର୍ଷା ଯଦି ହେଲା, ରାସ୍ତାଘାଟ କାଦୁଅ ପଚପଚ ହେଲେ, ଦୁଃଖ ଯେ ମଣିଷ ଏଇ କାଦୁଅ ପଚପଚରେ ଚଳିବ କେମିତି !

ସହରର ସବୁଠାରୁ ବଡ ବ୍ୟବସାୟୀଙ୍କୁ ଯଦି ପଚାରିବ ସିଏ ବି କହିବ, ମୋର କଣ ଅଛି ଯେ, ହଁ ସହର ଭିତରେ ଦୁଇଟା କପଡା ସୋ'ରୁମ, ତିନି/ଚାରିଟି ଗାଡି, ଦୁଇ/ତିନିଟି ବିଲ୍ଡିଂ ଆଉ କେତେଟା ପ୍ଲଟ, ହେଲେ କେବେ କଣ ମୁଁ ଟାଟା, ବିରଲା ହେଇ ପାରିବି କି ? ନାଇଁ ନା ..... । ଆଉ କେତେଜଣ ପିଲାମାନଙ୍କୁ ନେଇ ସବୁ ବେଳେ ଦୁଃଖି । ଭାବିଥିଲି ଆଇଆଇଟି ପାଇବ ହେଲେ, ଏନ୍ଆଇଟି ପାଇଲା । କମ୍ପୁଟର ସାଇନସର ଏବେ ବହୁତ ଡିମାଣ୍ଡ ହେଲେ ପୁଅ ଜିଦ କରି ମେକାନିକାଲ ବ୍ରାଞ୍ଚ ନେଲା । କୋର ବ୍ରାଞ୍ଚରେ ଏବେ ଚାକିରି ମିଳିବା କଷ୍ଟ । ହେଲେ ଆଜିକାଲିର ପିଲାଙ୍କୁ ବୁଝେଇବ କିଏ ? ଭାବିଥିଲି ଗୋଟେ ସୁନ୍ଦରୀ, ସୁଶୀଳା, ବ୍ରାହ୍ମଣ ଘର ଝିଅ ଦେଖି ବୋହୂ କରିବି ବୋଲି ହେଲେ ପୁଅ ତା'ର ନିଜେ ନିଜେ ଠିକ କରିଛି ଝିଅ । ଅବଶ୍ୟ ଆମର ମତାମତ ପଚାରୁଛି । ହେଲେ ପୋଡିଗଲା ତିଅଣର ଆଉ କି ସୁଆଦ ଯେ ! ଏମିତି ଅନେକ କାରଣ ଥାଏ ସମସ୍ତଙ୍କର ଦୁଃଖି ହେବା ପାଇଁ । ଆଚ୍ଛା, କହିଲେ ଦେଖି, ପ୍ରକୃତରେ ଏସବୁ କଣ ଦୁଃଖ ପଦବାଚ୍ୟ, ଯାହା ପାଇଁ ଆମେ ଦୁଃଖି ହେଇ ମୁହଁ ଶୁଖେଇ ବୁଲିବା । ଦୁଃଶ୍ଚିନ୍ତା କିଣିବା ଆଉ କ୍ରମେ ରୋଗାକ୍ରାନ୍ତ ହେବା ।

ପରିସଂଖ୍ୟାନ କହେ ଚାଳିଶ ପ୍ରତିଶତ ଲୋକ ଯାହା କେବେ ହେଲେ ଘଟି ନାହିଁ, ତାକୁ ନେଇ ଚିନ୍ତିତ ଥାଆନ୍ତି । ଯେମିତି କି ହିଂସା-ଦ୍ୱେଷ ବୃଦ୍ଧି ପାଇବ, ବିଭିନ୍ନ ପ୍ରକାର ପ୍ରକୃତିକ ବିପ୍ରାତ ବଢିବ ପ୍ରଳୟ ମାଡି ଆସିବ, ପୃଥିବୀ ଧ୍ୱଂସ ହେବ ଇତ୍ୟାଦି ଇତ୍ୟାଦି ବିଷୟରେ ଭାବି ଦୁଃଖି ହେଇ ପଡନ୍ତି । ତିରିଶ ପ୍ରତିଶତ ଲୋକ ଯାହା ଘଟି ସାରିଛି ତାକୁ ନେଇ ଦୁଃଶ୍ଚିନ୍ତାଗ୍ରସ୍ତ ହୁଅନ୍ତି । ଯେମିତି କି, ଏତେ ଶୀଘ୍ର ଚାକିରୀରେ ଜଏନ ନକରି ପ୍ରଶାସନିକ ସେବା ପାଇଁ ପ୍ରିପେୟାର କଲେ ଭଲ ହେଇଥାନ୍ତା, ପ୍ରେମ ବିବାହ ନକରି ଆରେଞ୍ଜ ମ୍ୟାରେଜ୍ କଲେ ଭଲ ହେଇଥାନ୍ତା, ଜାଗା କିଣି ଘର ତିଆରି କରିବା ଅପେକ୍ଷା ଆପାର୍ଟମେଣ୍ଟରେ ଘର ନେଇଥିଲେ ଭଲ ହେଇଥାନ୍ତା, ପିଲାମାନଙ୍କୁ ଓଡିଆ ମିଡିୟମ ସ୍କୁଲରେ ନପଢେଇ ଇଂରାଜୀ ମିଡିୟମରେ ପଢେଇଲେ ଭଲ ହେଇଥାନ୍ତା । ଆଉ ବାର ପ୍ରତିଶତ ରୋଗର ଆଶଙ୍କାରେ ଦୁଃଖି ହେଇଯାନ୍ତି । ଯଦି କ୍ୟାନ୍ସର କିମ୍ବା ହାର୍ଟଆଟାକ ହେଇଯାଏ ତେବେ ପରିବାର କେମିତି ଚାଲିବ, ଚିକିତ୍ସା ପାଇଁ ପଇସା କେଉଁଠୁ ଆସିବ । ଯଦି ମୁଣ୍ଡବଥା ହେଲା ତେବେ ଚିନ୍ତା ବ୍ରେନଟ୍ୟୁମର ହେଇନି ତ, ବାନ୍ତି ହେଲେ କି ପେଟ କାଟିଲେ ଆପେଣ୍ଡିସାଇଟିସ ହେଇନି ତ ! ରୋଗ ବିଷୟରେ ଅଧିକ ଜାଣିବା ପାଇଁ ସେମାନେ ଅନ୍ୟମାନଙ୍କ ସହିତ ପରାମର୍ଶ କରନ୍ତି, ଗୁଗୁଲ ବ୍ରାଉଜ କରନ୍ତି, ବିଶାରଦମାନଙ୍କୁ କନସଲ୍ଟ କରନ୍ତି । ବେଶୀ ବେଶୀ ଚିନ୍ତା କରି ଦୁଃଖି ହେଇ ପଡନ୍ତି । ମାତ୍ର ଆଠ ପ୍ରତିଶତ ଲୋକଙ୍କ ପାଖରେ ପ୍ରକୃତରେ କାରଣ ଥାଏ ଦୁଃଖି ହେବା ପାଇଁ । ଚାକିରିରେ ଦରମା ବଢୁନି, ବୃଦ୍ଧ ବାପା-ମାଆ ରୋଗାକ୍ରାନ୍ତ, ପଦୋନ୍ନତି ହେଉନି, ପିଲାଏ ଭଲ ପାଠ ପଢୁନାହାନ୍ତି, ଚାକିରି ସରିବାକୁ ବସିଲାଣି ହେଲେ ବଢିଲା ଝିଅର ବାହାଘର ହେଇପାରୁନି, ଆଖିରେ ପରଳ ମାଡିଗଲାଣି, ସ୍ତ୍ରୀର ଗଣ୍ଠିବାତ ବାହାରିଛି ଇତ୍ୟାଦି ଇତ୍ୟାଦି ।

ହେଲେ ଏସବୁ କ୍ଷେତ୍ରରେ ଦୁଃଖି ହେଲେ କଣ ବିପତ୍ତି ଟଳିଯିବ କି ? ଯାହା ଘଟିନାହିଁ ବା ଯାହା ଘଟି ସାରିଛି ତାକୁ ନେଇ ଦୁଃଶ୍ଚିନ୍ତାଗ୍ରସ୍ତ ହେବା ପ୍ରକୃତରେ ବୋକାମୀ । କାରଣ ଅତୀତ କିମ୍ବା ଭବିଷ୍ୟତ ଆମ ନିୟନ୍ତ୍ରଣରେ ନାହିଁ, ଯାହା ଆମ ନିୟନ୍ତ୍ରଣରେ ନାହିଁ ତାକୁ ନେଇ ଦୁଃଖ କରିବା ବା ଚିନ୍ତାଗ୍ରସ୍ତ ହେବା ବୋକାମୀ ନୁହେଁ ତ ଆଉ କଣ ଯେ ! ଆଉ ଯାହା ଯାହା ଆମ ନିୟନ୍ତ୍ରଣରେ ଅଛି ତା'ର ପ୍ରତିକାର କାଢିବାକୁ ହେବ, ନା କି ଚିନ୍ତାଗ୍ରସ୍ତ କିମ୍ବା ଦୁଃଖି ହେଲେ ତା'ର ନିରାକରଣ ହେଇପାରିବ ।

ସର୍ବୋପରି ଖୁସିରେ ରହିଲେ କିମ୍ବା ହସିଲେ ଦୁଃଖକୁ ସାମ୍ନା କରିବାର ଶକ୍ତି ମିଳିଥାଏ । ଯେତେବେଳେ ମନକୁ ଦୁଃଖ ମାଡି ବସୁଛି ସେତେବେଳେ ପ୍ରକୃତିସ୍ଥ ଭାବରେ ଚେଷ୍ଟା କରିବାକୁ ହେବ ଯେ କେମିତି ଏଥିରୁ ଶୀଘ୍ର ମୁକୁଳି ହେବ । ଯୋଗ-ଧ୍ୟାନ କରିବା ଦ୍ୱାରା, ମନ ପସନ୍ଦର ବହି ପଢିବା କିମ୍ବା ଗୀତ ଶୁଣିବା ଦ୍ୱାରା, ନିଜର ଦୁଃଖ ବା ଚିନ୍ତାକୁ ଅନ୍ୟ ସହିତ ବାଣ୍ଟିବା ଦ୍ୱାରା ମାନସିକ ଶକ୍ତି ବଢେ, କ୍ଲାନ୍ତି ଦୁରହୁଏ, ମନ ସତେଜ ରହେ । ଦୁନିଆରେ ଆପଣ ଏକା ଦୁଃଖି କିମ୍ବା ଚିନ୍ତାଗ୍ରସ୍ତ ନୁହନ୍ତି । ଆପଣ ଏକୁଟିଆ ନୁହନ୍ତି, ଅନ୍ୟମାନେ ମଧ୍ୟ ଊଣା ଅଧିକେ ସେହି ପଥର ଯାତ୍ରୀ । ଆସନ୍ତୁ ଶପଥ କରିବା । ହସିବା ଓ ହସେଇବା । କାରଣ ଆମେ ହସିଲେ ଦୁନିଆଁ ହସିବ ।


ହସିବା ବା ଖୁସି ରହିବା ଏକ କଳା । ଯିଏ ଏହାକୁ ଅକ୍ତିଆର କରିପାରିଲା ସିଏ ହିଁ ଏ ଦୁନିଆରେ ଏକମାତ୍ର ସୁଖୀ ଲୋକ ।

**ମଧୁସୂଦନ ନଗର ପୋଷ୍ଟ ଅଫିସ , ଭୁବନେଶ୍ୱର-୭୫୧୦୨୨**
**ମୋ-୮୨୪୯୪୩୭୨୭୬**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର

ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର





ବର୍ଷାଦିନ ସତ୍ତ୍ୱେ ଅନେକ ଏହି ସମୟରେ ହୃଦରୋଗ ସମସ୍ୟାକୁ ସାମ୍ନା କରିଥାନ୍ତି। ସେମିତି କହିବାକୁଗଲେ ହୃଦରୋଗ କୌଣସି ଋତୁ, ସମୟ ବା ପରିସ୍ଥିତିକୁ ଅପେକ୍ଷା କରିନଥାଏ। ତେବେ ଆମ୍ଭ ମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦରୋଗ ଆଶଙ୍କାକୁ ବଢ଼ାଇ ଦେଇଛି। ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ ସମସ୍ୟା ଦେଖାଦେଉଥିଲା କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି। ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ। ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ। ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ। ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ'ଣ ସବୁ ରହିଛି।

**ଛାତିରେ ଯନ୍ତ୍ରଣା :** ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି। ଶରୀର ଭାରି ଅନୁଭବ କରୁଛନ୍ତି। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା। ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



**ବ୍ଲୋଟିଂ :** ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ୍ୟ ଏହା ହାର୍ଟ ଆଟାକର ସଙ୍କେତ। ଏହି ସମସ୍ୟା ସବୁ ଦେଖାଦେଲେ ଇଗ୍ନୋର କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ।

**ପେଟ ସମ୍ବନ୍ଧୀୟ ସମସ୍ୟା :** ହୃଦ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ। ଯଦି ଆପଣ ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକ ହୃଦରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ। ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ।

**ଗୋଡ଼ ଫୁଲିବା :** ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ। ଯେତେବେଳେ ହାର୍ଟ ଭଲ ଭାବରେ ଫଙ୍କସନ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ।

**ଥକ୍କା ଅନୁଭବ କରିବା :** ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ। ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ଯଦି ଆପଣ କୌଣସି କାମ ନକରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

**କିପରି ରକ୍ଷା ପାଇବେ :** ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ। ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ। କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ। ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ। ବ୍ରିକ୍ସ ୱାକ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ୍ୟ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ। ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ। କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ। ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଅନେକ କ୍ଷେତ୍ରରେ ଏହାକୁ ହୃଦରୋଗ ବା ହୃଦଜନିତ ସମସ୍ୟା ନଭାବି ମାମୁଲି ଭାବରେ ଅଣଦେଖା କେହି କେହି କରିଦେଇଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣୁକାଟୁଣୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ଏକ ନିରୋଗ, ସୁସ୍ଥପ୍ରଦ ଜୀବନ ପାଇଁ ଆପଣ ଏକ ଭଲ ରୁଟିନଟି ତିଆରି କରନ୍ତୁ। ହୃଦୟର ସୁରକ୍ଷା ପାଇଁ ସେପରି କିଛି ବଡ଼ ବା ଜରୁରୀ ରୁଟିନ



ଦରକାର ପଡ଼ି ନଥାଏ। ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ। ପରିବାରବର୍ଗ, ଆଖପାଖର ଆତ୍ମୀୟସ୍ୱଜନ, ଅଫିସର ବନ୍ଧୁ ପରିଜନ ଏମାନଙ୍କ ସହ ଏକ ଭଲ ଭାବନାର ଚିନ୍ତନ ରଖି ସମୟ ଅତିବାହିତ କରନ୍ତୁ। ଦେଖିବେ ହୃଦୟ ଆପଣଙ୍କୁ କେବେ ଅଧା ରାସ୍ତାରେ ହାତ ଛାଡ଼ିବ ନାହିଁ। ସେ ସବୁ ଦିନ ଆପଣଙ୍କ ହାତ ଧରି ନିଶ୍ଚିନ୍ତ ଚାଲୁଥିବ....।



## ବିଶ୍ୱହୃଦୟ ଦିବସ



ହୃଦୟ ବା ହାର୍ଟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିର୍ଷ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃଦୟ ଦିବସ ଭାବେ ପାଳନ କରାଯାଉଛି। ଦ ୱାର୍ଲ୍ଡ ହାର୍ଟ ଫେଡେରେସନ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ, ସାରା ବିଶ୍ୱରେ ହାର୍ଟ ଆଟାକ୍, ହାର୍ଟ ଷ୍ଟ୍ରୋକ୍ ତଥା ହୃଦୟ ସମ୍ବନ୍ଧୀୟ ରୋଗ ଦ୍ୱାରା ପ୍ରାୟ ୧୭.୧ ମିଲିୟନ ଲୋକ ମୃତ୍ୟୁ ବରଣ କରୁଛନ୍ତି। ଏହି ସଂଖ୍ୟା କର୍କଟ, ଏଡ଼ସ ଏବଂ ମ୍ୟାଲେରିଆ ଠାରୁ ବହୁଗୁଣରେ ଅଧିକ ବୋଲି ସଂସ୍ଥା ତରଫରୁ ପ୍ରକାଶ ପାଇଥିଲା। ତେଣୁ ହୃଦୟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘ ସହ ମିଳିତ ଆଲୋଚନା ପରେ ୨୦୦୦ ମସିହାରୁ ବିଶ୍ୱ ହୃଦୟ ଦିବସ ପାଳନ କରାଯାଉଛି। ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ଶର୍କରାରେ ଅସ୍ଥିରତା ଆଦି ହୃଦୟ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ। ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ମୁକ୍ତି ମିଳିଥାଏ। ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି। ଫଳରେ ଅଧିକାଂଶ ଲୋକ ମେଦବହୁଳତାର ଶିକାର ହେଉଛନ୍ତି। ଯାହା ହୃଦ୍‌ଘାତର ପ୍ରମୁଖ କାରଣ। ତେଣୁ ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃଦୟକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଏ। ଚଳିତବର୍ଷର ବାର୍ତ୍ତା ରହିଛି 'ଏବିସିଡ଼ି-ଏନି ବଡ଼ି କ୍ୟାନ ଡାଏ' (ABCD - Any Body Can Die)।

**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୨୭୭୮୬୪**

ମହକ


# ଜଣେ ସାରସ୍ୱତ ସାଧକଙ୍କ କାହାଣୀ :
# ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ



ଉତ୍କର୍ଷ କଳାର ଦେଶ ଆମ ଉତ୍କଳ। ଏହାର କଳା, ସାହିତ୍ୟ, ସାହିତ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ପୁଣି ଜାତିର ଶୋଭନୀୟତା ଓ ମହନୀୟତା ସାରା ବିଶ୍ୱରେ ଆମ ବିଶାଳ ସତ୍ତାର ଶୋଭା ମଣ୍ଡିତ କରିଛି। ମଣିଷ ନିଜର କର୍ମ, ଅନନ୍ୟ ଆଦର୍ଶ ନେଇ ମହାନ୍ ହୋଇ ଉଠେ ପୁଣି ଉଦାହରଣ ପାଲଟି ଯାଏ। ସେହିଭଳି ଜଣେ ବିଶିଷ୍ଟ ଗାୟନାଚାର୍ଯ୍ୟ, ସାହିତ୍ୟିକ, ଲେଖକ, ଗୀତିକାର, ସଂସ୍କୃତି ଗବେଷକ ତଥା ଅନନ୍ୟ ଅନୁପମ ଉପାସକ, ପ୍ରବଚକ, ଉଚ୍ଚକୋଟୀର ବକ୍ତା, ସଙ୍ଗଠକ, ପରିବେଶବିତ୍, ଅଭିନେତା, ଆଦର୍ଶ ଗୁରୁ, ବରିଷ୍ଠ ସମାଜସେବୀ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଅନ୍ୟତମ। ୧୯୪୬ ମସିହାରେ ସ୍ୱର୍ଗତ ଧନେଶ୍ୱର ଛୋଟରାୟ ଓ ସ୍ୱର୍ଗତ ସଂଖୀ ଦ୍ୱେୀଙ୍କ ଅମୀୟ କୋଳମଣ୍ଡନ କରି କଟକ ଜିଲ୍ଲା ଫୁଲନଖରାସ୍ଥ କୋଠାପାଟଣା ଡାକ ଅନ୍ତର୍ଗତ ଗୁଆଳି ଗ୍ରାମରେ ତାଙ୍କ ଜନ୍ମ। ସେ ବହୁମୁଖୀ ପ୍ରତିଭା ଆଉ ପ୍ରଚଣ୍ଡ ଜ୍ଞାନୀଗୁଣୀ ସଂପନ୍ନ ସାରସ୍ୱତ ସାଧକ। ଜଣେ ଶ୍ରେଷ୍ଠ ପାଲାଗାୟକ ଭାବେ ଦୀର୍ଘ ୫୮ ବର୍ଷ ଧରି ପାଲା ପରିବେଷଣ, ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବହୁ ସାମାଜିକ ସାଂସ୍କୃତିକ ଆଧାତ୍ମିକ ଅନୁଷ୍ଠାନ ସହ ଜଡ଼ିତ ଏବଂ ରାଜ୍ୟ ପାଲା ଗାୟକ ପରିଷଦର ପ୍ରତିଷ୍ଠାତା ସଦସ୍ୟ ଏବଂ ବହୁ ସଙ୍ଗଠନ ସହ ଜଡ଼ିତ। ମାଟ୍ରିକ୍ ପାସ୍ ପରେ ସଙ୍ଗୀତ ଭାସ୍କର ଶିକ୍ଷାରେ ସେ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭରତୀୟ ସଂସ୍କୃତି ସମନ୍ଧ ପରିଷଦ ନୂଆଦିଲ୍ଲୀ ଦ୍ୱାରା ଓଡିଶାର ପ୍ରଥମ ପାଲାଗାୟକ ଭାବେ ସ୍ୱୀକୃତିପ୍ରାପ୍ତ ଓ ରାଜ୍ୟ ଏବଂ ପ୍ରବାସରେ ପାଲା ପରିବେଷଣ କରି ଉଚ୍ଚ ପ୍ରଶଂସିତ। ତାଙ୍କୁ ମିଳିଛି ସବୁଠି ଭୂୟସୀ ପ୍ରଶଂସା, ସମ୍ମାନ ଓ ସମ୍ବର୍ଦ୍ଧନା। ସେ ସଂସ୍କୃତି ସମ୍ପନ୍ନ ଗୁରୁ ଶ୍ରେଷ୍ଠ। ପରିଣତ ବୟସରେ ମଧ ସେ ଚଳଚଞ୍ଚଳ ଓ ସାଧନା ରତ ଏପରିକି ନିଜ ମଟରଯାନରେ ବିଭିନ୍ନ ସ୍ଥାନ ଏକାଏକା ଯାତାୟାତ କରି ପାରୁଛନ୍ତି। ପୂଜ୍ୟପୂଜା, ମେଧା ପ୍ରତିଭା ଅନ୍ୱେଷଣ, ପରିବେଶ ସୁରକ୍ଷା ନେଇ ବୃକ୍ଷରୋପଣ, ସଭା ସମିତି ସବୁଠି ଦେଖିବାକୁ ମିଳେ ତାଙ୍କ ଉପସ୍ଥିତି ଆଉ ଦକ୍ଷତା । ଓଡ଼ିଶାରେ ପାଲା ସଂସ୍କୃତି, ସାହିତ୍ୟ,ପରମ୍ପରା, ପାଠାଗାର ଆନ୍ଦୋଳନ ଆଦି ସମସ୍ତ ଗଠନ ମୂଳକ ତଥା ମହତ୍ କାର୍ଯ୍ୟର ସେ କଟକ ଜିଲ୍ଲାର ଜଣେ ଆଗଧାଡିର ସୃଜନଶୀଳ ସ୍ରଷ୍ଟା । ଆକାଶବାଣୀ ଓ ଦୂରଦର୍ଶନର ଜଣେ ଉଚ୍ଚମାନର ଖ୍ୟାତିସଂପନ୍ନ କଳାକାର । ଦୀର୍ଘ ୫ ବର୍ଷ କାଳ ସେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ଜଣେ ବିଚାରକ ଭାବେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପାଲା ଉପରେ ରହିଛି ଖୁବ୍ ଶ୍ରଦ୍ଧା ଏବଂ ଆଜି ମଧ୍ୟ ତାଙ୍କ ପାଲା ପରିବେଷଣର ରହିଛି ଦର୍ଶକ ବା ଗ୍ରାମ ସହର ସବୁଠି ସ୍ୱତନ୍ତ୍ର ସମ୍ମାନ। ପାଲା ଗାୟକ ଭାବେ ତାଙ୍କୁ ବହୁ ସମ୍ମାନ ଯଥା ଗାୟକ ଗୌରବ, ଗାୟକ ପୁଲକ, ଗାୟକ ଭାସ୍କର, ଗାୟକ ବାଚସ୍ପତି, ଗାୟକ ସଂସ୍କୃତି ବଂଧୁ, ଗାୟକ କୁଳମଣୀ, ଗାୟକ ଚୂଡ଼ାମଣି, ଗାୟକ ପ୍ରତିଭା, ଉତ୍କଳ ଗାୟକ ଗୌରବ ରତ୍ନ ଆଦି ଅନେକ ଅନେକ। ସାରା ଓଡ଼ିଶା ଓ ବିଦେଶରେ ପାଲାର ବିକାଶରେ ତାଙ୍କ କୃତିତ୍ୱ ଚିର ସ୍ମରଣୀୟ। ଜଣେ ଲେଖକ ଓ ଗୀତିକାର ଭାବେ ତାଙ୍କର ଅନେକ ପୁସ୍ତକ ଯଥା ସୁରେନ୍ଦ୍ର ଗ୍ରନ୍ଥାବଳୀ, ଦିବ୍ୟ ଦର୍ଶନ, ବୈଦିକ ଭଜନ ସୌରଭ, ସହଜ ପ୍ରାଣାୟମ ଓ ଯୋଗଶିକ୍ଷା, ପାଲାର ଉତ୍ପତ୍ତି ଓ କ୍ରମବିକାଶ ଆଦି ପ୍ରକାଶିତ ଓ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି। ବହୁ ପତ୍ରପତ୍ରିକାରେ ତାଙ୍କ ଲେଖା ଦେଖିବାକୁ ମିଳେ। ଯୋଗ ଓ ସଂସ୍କୃତି ଉପରେ ରହିଛି ତାଙ୍କର ପ୍ରଗାଢ଼ ପାଣ୍ଡିତ୍ୟ ଓ ଜଣେ ଆଦର୍ଶ ଗୁରୁ ଭାବେ ସେ ସବୁଠି ପ୍ରପୂଜ୍ୟ ଓ ପ୍ରଣମ୍ୟ। ସେ ସୂର୍ଯ୍ୟ ଗୁରୁକୁଳ ନାମରେ ଏକ ଉନ୍ନତ ବିଦ୍ୟାଳୟ ପ୍ରତିଷ୍ଠା କରି ବୈଦିକ ବେଦବିଦ୍ୟା ସହ ସାହିତ୍ୟ, ସଂସ୍କାର ଆଦି ଶିକ୍ଷା ପ୍ରଦାନ କରୁଛନ୍ତି। ସେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଅତିଥି ଶିକ୍ଷକ ଭାବେ ବିଦ୍ୟାର୍ଥି ମାନଙ୍କୁ ପାଲା ଓ ସଂସ୍କୃତି ଉପରେ ଶିକ୍ଷାଦାନ କରନ୍ତି।



ପାଲାର ପ୍ରଚାର ପ୍ରସାର ଓ ଉନ୍ନତ ମାନର ପାଲା ପରିବେଷଣ ସହିତ ନୂତନ ଗାୟକ ଓ ପାଳିଆ ସୃଷ୍ଟି ପାଇଁ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକର ପଞ୍ଚବଟି ଠାରେ ପାଲା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ଦିଗରେ ତାଙ୍କର ରହିଛି ପ୍ରମୁଖ ଭୂମିକା। ଓଡ଼ିଶାର ପାଲା ସଂସ୍କୃତି ଉପରେ ଓଡ଼ିଶା ବାହାରେ ଏପରିକି ବିଦେଶରେ ଆର୍ଯ୍ୟ ସଂସ୍କୃତି ଉପରେ ଆଲୋଚ଼ନା ରଖିଛନ୍ତି ଯାହାକି ଆମ ଜାତିର ସ୍ୱାଭିମାନ ଓ ଗୁଣ ଗରୀମାକୁ ଦ୍ୱିଗୁଣିତ କରିଛି। ଜଣେ ବିଦ୍ୱାନ ଓ ନିରଳସ ମଣିଷ ହିସାବରେ ସମସ୍ତଙ୍କର ପୂଜ୍ୟ। ଏହି ମହାନ୍ ଗୁରୁଦେବଙ୍କ ସାରସ୍ୱତ ସାଧନାର ଅନନ୍ୟ କୃତିତ୍ୱ ସୁଦୂର ପ୍ରସାରୀ ହେବା ସହ ପାଲା ପରମ୍ପରାର ବିକାଶ ଓ ଏହାର ପ୍ରଚାର ପ୍ରସାର ଦିଗରେ ତାଙ୍କ ସ୍ୱପ୍ନ ହେଉ ସଫଳ ସମାଲବ୍ଧ ଓ ଶୁଭଙ୍କର ଏତିକି ପ୍ରାର୍ଥନା।



# ମା'ଦୁର୍ଗାଙ୍କ ପୂଜା ସମୟରେ

■ ଉତ୍କଳାନନ୍ଦ ଅଜୟ କୁମାର ବେହେରା

## କ'ଣ କରିବେ :

- ଠାକୁର ଘର ପୂଜା ସ୍ଥାନରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମା'ସରସ୍ୱତୀଙ୍କ ଫଟୋ ସ୍ଥାପନା କରି ଫୁଲରେ ସଜାଇ ପୂଜା କରନ୍ତୁ।
- ମା'ଦୁର୍ଗାଙ୍କୁ ବେଲପତ୍ରରେ ପୂଜା କରନ୍ତୁ। ମା'ଙ୍କୁ ତୁଳସୀ ଓ ଦୁବରେ ପୂଜା କରିବେ ନାହିଁ।
- ମା'ଦୁର୍ଗାଙ୍କ କୃପା ପାଇବା ପାଇଁ ଉପବାସ କରନ୍ତୁ। ନଅଦିନ ଉପବାସ କରି ନପାରିଲେ ଅଷ୍ଟମୀ ଦିନ ଉପବାସ କରନ୍ତୁ। ମା'ଭଗବତୀଙ୍କ କୃପା ନିଶ୍ଚିତ ମିଳିବ।
- ମା'ଦୁର୍ଗାଙ୍କ ନାମରେ ଘରେ ଅଖଣ୍ଡ ଦୀପ ଜଳାନ୍ତୁ।
- ମା'ଦୁର୍ଗାଙ୍କ ୧୦୮ ନାମ ଜପ କରନ୍ତୁ।
- ସକାଳେ ସନ୍ଧ୍ୟା ସମୟରେ ମା'ଦୁର୍ଗାଙ୍କୁ ପୂଜା କରନ୍ତୁ। ପୂଜା କରିବା ପୂର୍ବରୁ ପ୍ରଥମେ ଗଣେଶଙ୍କୁ ଧ୍ୟାନ ଅବଶ୍ୟ କରନ୍ତୁ।
- ମନ୍ତ୍ର ଜପ କିମ୍ବା ପୂଜା କରିବାର ତୁରନ୍ତ ପରେ ଭୋଜନ କରନ୍ତୁ ନାହିଁ।
- ମା'ଦୁର୍ଗା ସପ୍ତସତୀ ପାଠ କରନ୍ତୁ। ଏହାଦ୍ୱାରା ଅଶେଷ କୃପା ମିଳିବ।
- ପୂଜା ସମୟରେ ସର୍ବଦା ଲାଲ ରଙ୍ଗର ଆସନ ବ୍ୟବହାର କରନ୍ତୁ। ଏହାଦ୍ୱାରା ମନ ଅଧିକ ପ୍ରସନ୍ନ ରହିଥାଏ। ଫଳରେ ପୂଜାରେ ମନ ଲାଗେ ଓ ମା'ସନ୍ତୁଷ୍ଟ ହୁଅନ୍ତି।
- ପୂଜା ସରିବା ପରେ ଆସନକୁ ମୁଣ୍ଡରେ ମାରି ଯଥା ସ୍ଥାନରେ ରଖନ୍ତୁ।
- ପୂଜା ସମୟରେ ଲାଲ ରଙ୍ଗର ତିଳକ ନିଶ୍ଚିତ ଭାବରେ ଲଗାନ୍ତୁ। ଲାଲ ବସ୍ତ୍ର ପିନ୍ଧନ୍ତୁ ଶୁଭ ଫଳ ମିଳିବ। ଲାଲ କପଡ଼ା ପିନ୍ଧିବା ଦ୍ୱାରା ବିଶେଷ ଶକ୍ତି ପ୍ରାପ୍ତି ହୋଇଥାଏ।
- ପ୍ରାତଃ ସମୟରେ ମା'ଙ୍କୁ କ୍ଷୀରରେ ମହୁ ମିଶାଇ ଅର୍ପଣ କରନ୍ତୁ। ପୂଜା ପରେ ଏହାକୁ ସେବନ କରନ୍ତୁ। ଏହାଦ୍ୱାରା ଆତ୍ମା ଓ ଶରୀରକୁ ବଳପ୍ରାପ୍ତି ହୋଇଥାଏ।
- ତା'ପର ଦିନ ଘରେ ରଖିଥିବା ପୁସ୍ତକ, ବାଦ୍ୟ ଯନ୍ତ୍ର ଓ କଲମ ଆଦିକୁ ପୂଜା କରନ୍ତୁ।
- ଅଷ୍ଟମୀ ଓ ନବମୀ ଦିନ କନ୍ୟା ପୂଜା କରନ୍ତୁ। ୧୨ ବର୍ଷରୁ କମ୍ ବୟସର କନ୍ୟାକୁ ପୂଜା କରନ୍ତୁ।

କ'ଣ କରିବେ ନାହିଁ :


- ଦୁର୍ଗା ମା'ଙ୍କ ମନ୍ତ୍ର ଜପ କରିବା ସମୟରେ ଶରୀରକୁ ସ୍ଥିର ରଖନ୍ତୁ। ଅର୍ଥାତ୍ ମା'ଙ୍କ ପାଖରେ ଏକନିଷ୍ଠ ଧ୍ୟାନ ରଖି ସ୍ୱଷ୍ଟ ଭାବରେ ମନ୍ତ୍ର ଜପ କରନ୍ତୁ। ଅସ୍ୱଷ୍ଟ ମନ୍ତ୍ର ଜପ କରନ୍ତୁ ନାହିଁ।
- ମନ ଓ ବିଚାରରେ ପବିତ୍ରତା ବଜାୟ ରଖନ୍ତୁ।
- ନବରାତ୍ରରେ ମା' ଓ ମା'ବୟସର ମହିଳାଙ୍କୁ ଅପମାନ କରନ୍ତୁ ନାହିଁ। ତାଙ୍କର ଆଶୀର୍ବାଦ ପ୍ରାପ୍ତ କରନ୍ତୁ।
- ଛଳ, କପଟ ଓ ଅପଶବ୍ଦ ପ୍ରୟୋଗ କରନ୍ତୁ ନାହିଁ।
- ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ ଓ ଖରାପ ଲୋକଙ୍କ ସହିତ ମିଶନ୍ତୁ ନାହିଁ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**


## ଏହି ସପ୍ତାହ, ସେହି ବର୍ଷ (ଅକ୍ଟୋବର ୬-୧୨)

### ଏଇ ସପ୍ତାହ

**ଅକ୍ଟୋବର ୬, ୧୯୨୭**-ସଂଳାପ ଓ ସଙ୍ଗୀତରେ ସଜେଇ ହୋଇଥିବା ପ୍ରଥମ ଫିଚର ଫିଲ୍ମ 'ଦି ଜାଜ୍ ସିଙ୍ଗର୍' ରିଲିଜ ହୋଇଥିଲା।




**ଅକ୍ଟୋବର ୭, ୧୯୫୦**-ମଦର ଟେରେସା, କୋଲକାତା ଠାରେ ମିସ୍‌ନାରିଜ୍ ଅଫ୍ ଚାରିଟିର ସ୍ଥାପନା କରିଥିଲେ।




**ଅକ୍ଟୋବର ୮, ୧୯୯୮**-ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହୋଇଥିଲା।





**ଅକ୍ଟୋବର ୯, ୨୦୦୬**-ଗୁଗୁଲ୍ ୟୁଟ୍ୟୁବ୍‌ର ଅଧିଗ୍ରହଣର ଘୋଷଣା କରିଥିଲା।




**ଅକ୍ଟୋବର ୧୦, ୧୯୧୦**- ବାରାଣସୀରେ ମଦନ ମୋହନ ମାଲବୀୟଙ୍କ ଅଧକ୍ଷତାରେ ପ୍ରଥମ ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀର ଆୟୋଜନ କରାଯାଇଥିଲା।



**ଅକ୍ଟୋବର ୧୧, ୧୯୯୧**-ଭାରତ ବିଶ୍ୱ କ୍ୟାରମ୍ ପ୍ରତିଯୋଗିତା ଜିତିଥିଲା।



**ଅକ୍ଟୋବର ୧୨, ୧୮୭୯**-ବ୍ରିଟିଶ ସୈନିକମାନେ କାବୁଲ୍ ଓ ଆଫଗାନିସ୍ତାନ ଉପରେ ନିୟନ୍ତ୍ରଣ କରିଥିଲେ।



# ନାରୀଜାତିର ପ୍ରତିକାତ୍ମକ ପୂଜା : ଦୁର୍ଗାପୂଜା

■ ଯଶସ୍ୱିନୀ ପଟ୍ଟନାୟକ



'ମା'- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ମା' ବାରମ୍ବାର ଆବିର୍ଭୁତା ହୁଅନ୍ତି ସନ୍ତାନର ଅକୁଳ ପ୍ରାର୍ଥନାରେ । ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ । ସେ ଶକ୍ତିସ୍ୱରୂପିଣୀ । ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ । ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ । 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି ॥' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗକରିବାକୁ ସ୍ୱପ୍ନଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟି ହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ । 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତଃ ସକଳା ଜଗତ୍ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ନାରୀର ଗୁଣାବଳୀକୁ ବର୍ଣ୍ଣନା କରିବାକୁ ଯାଇ ଭଗବାନ କୃଷ୍ଣ ଶ୍ରୀମଭଗବଦ୍‌ଗୀତାର ବିଭୁତିଯୋଗରେ କହିଛନ୍ତି- 'କୀର୍ତ୍ତି ଶ୍ରୀବାକ୍‌ଚନାରୀଣାମ୍ ସ୍ମୃତିମେଧା ଧୃତିକ୍ଷମା ଅର୍ଥାତ୍ 'ନାରୀମାନଙ୍କ ମଧ୍ୟରେ ମୁଁ କୀର୍ତ୍ତି, ସୌନ୍ଦର୍ଯ୍ୟ, ବଚନ, ସ୍ମୃତି, ବୁଦ୍ଧି, ଧୈର୍ଯ୍ୟ ଓ କ୍ଷମା' ଭଳି ଗୁଣାବଳିର ସମାହାର । ନାରୀ ଭିତରେ ଅନ୍ତଃସଲିଳା ହୋଇ ଦୟା, ମମତା, କରୁଣା, ସମ୍ବେଦନତା ଆଦି ଭରିରହିଛି । ଆଜି ଭୋଗବାଦର ଚରମସୀମାକୁ ସ୍ପର୍ଶକରିଥିବା ସଂସାରରେ ଦେହ ସର୍ବସ୍ୱ ହୋଇ ଆମେ ନାରୀକୁ ପଣ୍ୟ ଦ୍ରବ୍ୟ ରୂପେ ବ୍ୟବହାର କରିବାର ମାନସିକତା ରଖିଲୁଣି । ଯାହାର ପ୍ରମାଣ ଦେଉଛି ନାରୀମାନଙ୍କ ଦ୍ୱାରା ପ୍ରଚ୍ଚରିତ ବିଜ୍ଞାପନ ଓ ଆଲବମ୍ ସଂଗୀତ । ଏତଦ୍ଦ୍ୱାରା ନାରୀତ୍ୱର ଅବମାନନା ହେବାସହିତ ଅଧୋଗତି ହେଉଛି ହେଉଛି ସିନା ଉନ୍ନତିର ପ୍ରଶ୍ନ ଉଠୁନାହିଁ ।


ସମ୍ପ୍ରତି ନାରୀଙ୍କ ଦାୟିତ୍ୱର ପରିସୀମା ବିସ୍ତୃତ ହୋଇଛି । ସେ ଆଉ ଘରର ଚାରିକାନ୍ଥରେ ଆବଦ୍ଧ ନାହିଁ । ତା'ର ଅବଗୁଣ୍ଠିତା ରୂପରେ ବାନ୍ଧିହୋଇ ରହିବାକୁ ସେ ଚାହିଁନାହିଁ ; ଚାହିଁଛି ତା'ର ଅସୀମ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ । ସ୍ୱାଧୀନ ଭାରତରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ବିଜ୍ଞାନ, କୃଷି, ସେନାବାହିନୀ, ଆଦି କ୍ଷେତ୍ରରେ ନିଜର ସ୍ଥିତିକୁ ଜାହିର କରିପାରିଛି । ନାରୀମାନେ ଯେତେ ଉଚ୍ଚଶିକ୍ଷିତା, ଜ୍ଞାନୀ, ଧନୀ, କର୍ମକୁଶଳୀ, କଷ୍ଟସହିଷ୍ଣୁ ହେଲେ ମଧ୍ୟ ସେମାନଙ୍କ ପ୍ରତି ପୁରୁଷମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ହେଉ ନାହିଁ । ନାରୀର ସମସ୍ତ ଗୁଣ ଆଧୁନିକତାର ଅଧୋଗତି ରାସ୍ତାରେ ମିଳାଇ ଚାଲିଛି । ସବୁଠି ଅପ ସଂସ୍କୃତିର କରାଳକାୟା ବିସ୍ତାରକରିଛି । ଅନେକ ସ୍ଥାନରେ ନାରୀର ବେଶଭୂଷା, ଆଚାର ବ୍ୟବହାରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ମନେହୁଏ ପୁରୁଷ ସମାଜର ମନୋରଂଜନ ସାମଗ୍ରୀ ହେଉଛି ନାରୀ । ନାରୀ ଜୀବନର ଶ୍ରେଷ୍ଠ ସମ୍ପଦ ଅର୍ପିତ ହୋଇଯାଏ ଅର୍ଥ ଓ ପ୍ରଲୋଭନ ନିକଟରେ । ସତେ କ'ଣ ଏହି ବିଭତ୍ସ ପରମ୍ପରାକୁ ଆମେ ରୋକି ପାରିବା ନାହିଁ ! ଅର୍ଥଲାଳସାରେ କବଳିତ ହୋଇ ନାରୀତ୍ୱକୁ କଳଙ୍କିତ କରିବସିଲେ ଫଳ କ'ଣ ହେବ !! ପୁରାଣ ଓ ଇତିହାସରୁ ନାରୀମାନଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା, ମମତା ଓ ସମ୍ମାନକୁ ଭୁଲିଗଲେ ନାରୀର ନିଜତ୍ୱ ରହିବ ତ !! ବହୁ ନାରୀ ଆମ ସମାଜ ପାଇଁ ଉଦାହରଣ ପାଲଟିଥିବା ବଳେ ଆଉ କେତେକ ବିଜ୍ଞାପିତ ହୋଇ ନାରୀ ସମାଜ ପାଇଁ କଳଙ୍କର ଦାଗ ବହିଛନ୍ତି । ସେଦିନର ଗାର୍ଗୀ, ମୈତ୍ରେୟୀ, ଲକ୍ଷ୍ମୀବାଈଙ୍କ ଭଳି ମହିଳା ଏବେ ମଧ୍ୟ ଅଛନ୍ତି ଦେଶ ଶାସନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଆଦି ପଦବୀ ମଣ୍ଡନ କରି ଅତି ଦକ୍ଷତାର ସହ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିବା ପୂର୍ବକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଛନ୍ତି । କିନ୍ତୁ କିଛି ମହିଳାଙ୍କ ଆଚରଣ ଓ ବ୍ୟବହାରରେ ବ୍ୟବସାୟିକ ମନୋବୃତ୍ତି ତଥା ପାଶ୍ଚାତ୍ୟ ସଂସ୍କୃତିର ଛଟା ପରିଲକ୍ଷିତ ହୁଏ । ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

ଅଧକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ : jasaswinipattanaik78@gmail.com



## ଅଷ୍ଟମାତୃକା ପୂଜା ଓ ମାଆଙ୍କ ବେଶ ଅନୁଯାୟୀ ଭୋଗ

**ବରାହ ପୁରାଣ ସପ୍ତବିଂଶ ଅଧ୍ୟାୟରେ ଉଲ୍ଲେଖ ଅଛି :** ଶିବ ଅନ୍ଧକାସୁରକୁ ତ୍ରିଶୂଳରେ ପ୍ରହାର କରିବା ଦ୍ୱାରା ତାହାର ରକ୍ତ ଭୂମିରେ ପଡ଼ି ଅନ୍ଧକ ପରି ଶକ୍ତିଶାଳୀ ଅସଂଖ୍ୟ ଅସୁର ଜନ୍ମନେଲେ । ତେଣୁ ତାହାର ରକ୍ତ ଭୂମିରେ ପଡ଼ିବା ଆଗରୁ ତାହାକୁ ଶୋଷିବା ପାଇଁ ଅଷ୍ଟଦେବତା ସ୍ୱଦେହରୁ ଅଷ୍ଟମାତୃକା ଜାତ କଲେ । ମଣିଷଙ୍କ ଅଷ୍ଟ ରିପୁ ଅଷ୍ଟମାତୃକାରେ ପରିଣତ ହେବା କଥା ମଧ୍ୟ ଏହି ପୁରାଣରେ ଲେଖାଯାଇଛି । ସେମାନେ ହେଲେ କାମ : ଯୋଗେଶ୍ରୀ, ବା ମାହେଶ୍ୱରୀ, କ୍ରୋଧ : ରୁଦ୍ରାଣୀ, ମଦ : ବ୍ରାହ୍ମଣୀ, ମତ୍ସର୍ଯ୍ୟ : ଇନ୍ଦ୍ରାଣୀ, ଅସୂୟା : ବାରହୀ ଏବଂ ଶୂନ୍ୟ : ଚାମୁଣ୍ଡା । ଏହି ରିପୁମାନେ ଏତେ ଶକ୍ତିଶାଳୀ ଯେ ଏମାନଙ୍କୁ ଦମନ କରିବା ଅସମ୍ଭବ । ଏମାନଙ୍କୁ ଭକ୍ତିଯୋଗରେ ବଶୀଭୂତ କରିବାକୁ ମାତୃକା ପୂଜା ଆରମ୍ଭ ହେଲା । ଶାରଦୀୟ ମହାଉତ୍ସବରେ ଓଡ଼ିଶାରେ ଅଷ୍ଟମାତୃକା ପୂଜନ କରାଯାଏ ।



**ଶୈଳପୁତ୍ରୀ :** ଗାଈ ଘିଅରେ ପ୍ରସ୍ତୁତ ଭୋଗ ଅର୍ପଣ କରାଯାଏ । ନିରାମୟ ଜୀବନ ବିତାଇବା ପାଇଁ ଆଶୀର୍ବାଦ ମିଳେ ।

**ବ୍ରହ୍ମଚାରିଣୀ :** ଚିନିରେ ପ୍ରସ୍ତୁତ ଭୋଗ ଓ ଫଳ । ଏହା ଦ୍ୱାରା ପରିବାର ସଦସ୍ୟ ଦୀର୍ଘାୟୁ ହୁଅନ୍ତି ।

**ଚନ୍ଦ୍ରଘଣ୍ଟା :** ଖିର ଭୋଗ, ମିଠା ଓ ଖିରି ଭୋଗ । ମାଆଙ୍କୁ ଲାଗି ପରେ ବ୍ରାହ୍ମଣଙ୍କୁ ଦାନ କଲେ ଦୁଃଖ ଓ ଶୋକ ନାଶ ହୁଏ ।

**କୁଷ୍ମାଣ୍ଡା :** ଏହି ବେଶରେ ମାଆଙ୍କୁ ମାଲପୁଆ ଅର୍ପଣ କଲେ ଜ୍ଞାନ ଓ ଶକ୍ତି ବଢ଼େ ।

**ସ୍କନ୍ଦମାତା :** ପାଚିଲା କଦଳୀ ଭୋଗ କରାଯାଏ ।

**କାତ୍ୟାୟନୀ :** ଏହି ବେଶରେ ମହୁ ଭୋଗ ମାଆଙ୍କର ପସନ୍ଦ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଆଶୀର୍ବାଦ ମିଳେ ।

**କାଳରାତ୍ରି :** ଗୁଡ଼ରେ ପ୍ରସ୍ତୁତ ଭୋଗ ଲାଗି ହୁଏ । ଏହା ଦ୍ୱାରା ଭକ୍ତର ଦୁଃଖ ଶୋକ ନାଶ ହୁଏ । ଅସନ୍ନ ବିପତ୍ତିରୁ ରକ୍ଷା ମିଳେ ।

**ମହାଗୌରୀ :** ନଡ଼ିଆ ଭୋଗ । ଏହି ବେଶରେ ମାଆଙ୍କ ଠାରେ ସନ୍ତାନହୀନ ଦମ୍ପତ୍ତି ନଡ଼ିଆ ଭୋଗ ଲଗାଇଲେ ସନ୍ତାନପ୍ରାପ୍ତିର ସୌଭାଗ୍ୟ ମିଳେ ।

**ସିଦ୍ଧିଦାତ୍ରୀ :** ରାଶି ବା ଖସା ପ୍ରସ୍ତୁତ ଭୋଗ ଲଗାଯାଏ ।

**ଶ୍ୟାମ ସୁନ୍ଦର ସାମଲ**
**ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ,**
**ଦୂରଭାଷ : ୯୭୭୮୬୩୫୯୨୬**



# ବରିଷ୍ଠ ନାଗରିକ : ସମାଜର ଅମୂଲ୍ୟ ସମ୍ପତ୍ତି

■ ହେମନ୍ତ କୁମାର ପରିଡ଼ା

ବୟସର ଅପରାହ୍ନରେ ପହଞ୍ଚିବା ପରେ ସେମାନେ ଅଲୋଡ଼ା ହୋଇ ପଡ଼ିଥାନ୍ତି। ଅନେକଙ୍କ ମତରେ ବୟସର ଭାରରେ ନଇଁ ପଡ଼ିଥିବା ଅପାରଣ ବ୍ୟକ୍ତି ବରିଷ୍ଠ ନାଗରିକ ଭାବେ ଗଣ୍ୟ। କେବଳ ପରିବାର ନୁହେଁ ସମାଜରେ ମଧ୍ୟ ଏମାନେ ଏକ ପ୍ରକାର ଅଦରକାରୀ ଅଙ୍ଗ ଭାବେ ବିବେଚିତ ହୋଇଥାନ୍ତି। ଏଭଳି ଚିନ୍ତାଧାରା ବରିଷ୍ଠ ନାଗରିକମାନଙ୍କ ପ୍ରତି ଦିନକୁ ଦିନ ବଢ଼ୁଥିବା ଅତ୍ୟାଚାରର ଅନ୍ୟତମ ପ୍ରଧାନ କାରଣ। ଲୋକମାନଙ୍କ ମନରୁ ଏସବୁ ଚିନ୍ତାଧାରାକୁ ଦୂର କରିବା ତଥା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଏବେ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଏବଂ ଏହି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ।

ବରିଷ୍ଠ ନାଗରିକମାନେ କିଛି ନହେଲେ ବି ବୟସ ଦୃଷ୍ଟିରୁ ଅନୁଭବି ଅଟନ୍ତି। ଅନୁଭବର ବହୁତ ମୂଲ୍ୟ ଅଛି ତେଣୁ ସେମାନଙ୍କର ଆବଶ୍ୟକତା ସମାଜ ପାଇଁ ସବୁବେଳେ ରହିଛି। କିନ୍ତୁ ବେଳେବେଳେ କେତେକ ପରିବାରରେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅଣଦେଖା କରାଯାଉଥିବା, ନିର୍ଯାତନା ଦିଆଯାଉଥିବା ଦେଖିବାକୁ ମିଳୁଛି। ଗୋଟିଏ କାହାଣୀ ମନେ ପଡୁଛି। ତାର ସାରାଂଶ ହେଉଛି - ଜଣେ ରାଜାଙ୍କ ଦେହାନ୍ତ ହୋଇଯିବାରୁ ତାଙ୍କ ଯୁବକ ପୁତ୍ର ଅଧିକାର ସୂତ୍ରରେ ସିଂହାସନ ଆରୋହଣ କଲେ। ତାଙ୍କ ଭିତରେ ଏକ ଧାରଣା ବଳବତ୍ତର ଥିଲା ବୃଦ୍ଧ ବ୍ୟକ୍ତିମାନେ ସମାଜ ପାଇ ଅଦରକାରୀ। ଏମାନେ ବସି ବସି କେବଳ ଅନ୍ନ ଧ୍ୱଂସ କରୁଛନ୍ତି। ଏମାନେ ସମାଜ ପାଇଁ ବହୁତ ବଡ଼ ବୋଝ। ଯଦି ଏମାନଙ୍କୁ ମାରି ଦିଆଯାଆନ୍ତା ତେବେ ସମାଜ ଏକ ବଡ଼ ବିପଦରୁ ରକ୍ଷା ପାଇ ଯାଆନ୍ତା। ସେ ଘୋଷଣା କଲେ ଦେଶର ସବୁ ବୃଦ୍ଧ ବ୍ୟକ୍ତିଙ୍କୁ ମାରିଦିଆଯାଉ। ବହୁତ ଚିନ୍ତାଶୀଳ ବ୍ୟକ୍ତି ଏହି ଆଦେଶରେ ଚିନ୍ତିତ ହୋଇ ପଡ଼ିଲେ। ଯେଉଁ ପିଲାମାନେ ପିତା ମାତାଙ୍କ ପ୍ରତି ବିତସ୍ପୃହ ଥିଲେ ସେମାନେ ଖୁସି ହେଲେ। ସବୁଲୋକ ଘରର ବରିଷ୍ଠ ବ୍ୟକ୍ତି ମାନଙ୍କୁ ମାରିଦେଲେ। ଦେଶରେ ଜଣେ ପିତୃମାତୃ ଭକ୍ତ ଥିଲେ। ସେ କିନ୍ତୁ ତାଙ୍କୁ ନମାରି ଘରର ଅମାରରେ ଲୁଚାଇ ରଖିଦେଲେ। ସେହି ରାଜ୍ୟରେ ଲଗାତର ମରୁଡ଼ି ପଡ଼ିଲା। ଲୋକ ଯାହା ଯାହା ବିହନ ରଖିଥିଲେ ପର ବର୍ଷ ପାଇଁ ପେଟ ବିକଳରେ ସେ ସବୁକୁ ଖାଇ ଦେଲେ। ଆଗାମୀ ବର୍ଷ ଆଉ ଚାଷ ହୋଇ ପାରିଲା ନାହିଁ। ଦେଶରେ ହାହାକାର ପଡ଼ିଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ସମସ୍ତଙ୍କ ଜମି ପଡ଼ିଆ ପଡ଼ିଥିବା ବେଳେ ସେହି ପିତୃମାତୃ ଭକ୍ତଙ୍କ କ୍ଷେତ ସୁନା ଫସଲରେ ହସି ଉଠିଲା।




ରାଜାଙ୍କ ପାଖରେ ଏହି ଖବର ପହଞ୍ଚିଲା। ରାଜା ପଚାରିଲେ ତୁମେ ଦୁଇବର୍ଷର ମରୁଡ଼ି ପରେ ଚାଷ ପାଇଁ ବିହନ କେଉଁଠୁ ପାଇଲ ? ଚାଷୀଟି ବିଚରା ଡରିମରି କହିଲା ମହାରାଜ ଯଦି ଆମ ମୁଣ୍ଡ ରଖିବେ ତେବେ ମୁଁ



ଏହାର କାରଣ କହିବି। ରାଜା ଅଭୟ ପ୍ରଦାନ କରି କହିଲେ କୁହ। ସେ କହିଲେ ମୋ ବାପାଙ୍କ ବୁଦ୍ଧି ଓ ମାର୍ଗଦର୍ଶନରେ ମୁଁ ଏ ସୁନା ଫସଲ ଉପୁଜାଇ ପାରିଛି। ସେ କହିଲେ ଆପଣଙ୍କ ଆଦେଶ ସତ୍ତ୍ୱେ ମଧ୍ୟ ମୁଁ ମୋ ବାପାମାଙ୍କୁ ହତ୍ୟା ନକରି ଲୁଚାଇ ରଖିଥିଲ। ମରୁଡ଼ି ପରେ ଚାଷ କିପରି ହେବ, ବିହନ କେଉଁଠୁ ଆସିବ, ଏ ଚିନ୍ତାରେ ବ୍ୟସ୍ତ ଥିବା ଦେଖି ବାପା ମୋତେ କହିଲେ - ତୁ ବ୍ୟସ୍ତ ହୁଅନା। ବର୍ଷା ପୂର୍ବରୁ ଜମିସବୁ ହଳ କରିଦେ। ଦେଖିବୁ ଜନ୍ଦା ପିମ୍ପୁଡ଼ିଙ୍କ ଗାତରେ ସଞ୍ଚିତ ଶଷ୍ୟ ବର୍ଷା ପାଣିରେ ପାଇଲେ ଅଙ୍କୁରିତ ହୋଇ ଫଳ ଦାନ କରିବ। ରାଜା ନିଜର ଭୁଲ ବୁଝିପାରି ଅନୁତାପ କଲେ ଏବଂ ବୃଦ୍ଧ ପିତାମାତାଙ୍କୁ ସମ୍ମାନେ ଆଣି ନିଜର ଉପଦେଷ୍ଟା ଓ ମାର୍ଗଦର୍ଶକ ଭାବେ ନିଯୁକ୍ତ କଲେ। ବରିଷ୍ଠ ନାଗରିକଙ୍କର ବୟସର ଅନୁଭବ ଆମ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନ ୧୯୮୮ ମସିହାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ଦିବସ ପାଳନ ଆରମ୍ଭ କରିଥିଲେ। ଦେଶର ସମୁଦାୟ ଜନସଂଖ୍ୟାର ୭୦ ପ୍ରତିଶତ ହେଉଛନ୍ତି ବରିଷ୍ଠ ନାଗରିକ। ଏଣୁ ସେମାନଙ୍କ ଆବଶ୍ୟକତା ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ମଧ୍ୟ ଆବଶ୍ୟକ। ପରିବାରକୁ ଉଚିତ ପରାମର୍ଶ ପ୍ରଦାନ କରିବାରେ ବରିଷ୍ଠ ନାଗରିକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସମାଜକୁ ସଠିକ ମାର୍ଗଦର୍ଶନ ଦେବାରେ ମଧ୍ୟ ସେମାନଙ୍କ ଭୂମିକା ସେତିକି ମହତ୍ତ୍ୱପୂର୍ଣ୍ଣ। ଆମ ଶାସ୍ତ୍ର ପୁରାଣରେ ବୟସ୍କ ବ୍ୟକ୍ତି ମାନଙ୍କୁ ଦେବତାର ସମ୍ମାନ ପ୍ରଦାନ କରାଯାଇଛି। ମାତା ପିତା ହେଉଛନ୍ତି ସାକ୍ଷାତ ଦେବତା।

ବରିଷ୍ଠ ନାଗରିକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଆମେରିକା ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆଜିକାଲି ପିଲାମାନେ ପିତାମାତାଙ୍କୁ ବୋଝ ସଦୃଶ ମନେ କରି ବୃଦ୍ଧାଶ୍ରମରେ ଛାଡୁଥିବା ଖବର ସାମ୍ନାକୁ ଆସୁଛି। ଯେଉଁ ସମୟରେ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଉଚିତ, ସେବା କରିବା ଉଚିତ ସେହି ସମୟରେ ସନ୍ତାନମାନେ ସେମାନଙ୍କୁ ଅଣଦେଖା କରୁଛନ୍ତି। ଫଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ହେଉଛି ଏହି ଦିବସର ତାତ୍ପର୍ଯ୍ୟ। ବାସ୍ତବରେ କେବଳ ଘର ପରିବାର ପାଇଁ ନୁହେଁ ସମାଜ ପାଇଁ ମୂଲ୍ୟବାନ ଓ ଅମୂଲ୍ୟ ସମ୍ପତ୍ତି ହେଉଛନ୍ତି ବରିଷ୍ଠ ନାଗରିକମାନେ। ସେମାନେ ତାଙ୍କ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଅଭିଜ୍ଞତା ଓ ଜୀବନର ଯେଉଁ ଉପଲବ୍ଧି ହାସଲ କରିଥାନ୍ତି ତାହାକୁ ପରବର୍ତ୍ତୀ ପିଢ଼ି ଜ୍ଞାନଭାବେ ଅର୍ଜନ କଲେ ନିଜର ପ୍ରଭୂତ ଉନ୍ନତି ସହ ପରିବାର ଓ ସମାଜର ମଙ୍ଗଳ ସାଧନ ହେବ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ



ବୟସ୍କ ବା ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ସମାଜ ପାଇଁ ସବୁବେଳେ ରହିଛି। କିନ୍ତୁ ବେଳେବେଳେ କେତେକ ପରିବାରରେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅଣଦେଖା କରାଯାଉଥିବା, ନିର୍ଯାତନା ଦିଆଯାଉଥିବା ଦେଖିବାକୁ ମିଳୁଛି। ଏଣୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଇଣ୍ଟରନ୍ୟାସନାଲ ଡେ ଅଫ୍ ଓଲ୍ଡର ପର୍ସନ ବା ଅନ୍ତର୍ଜାତୀୟ ବୟସ୍କଜନ ଦିବସ ଭାବେ ପାଳନ କରାଯାଉଛି। ଦେଶର ସମୁଦାୟ ଜନସଂଖ୍ୟାର ୭୦ ପ୍ରତିଶତ ହେଉଛନ୍ତି ବରିଷ୍ଠ ନାଗରିକ। ଏଣୁ ସେମାନଙ୍କ ଆବଶ୍ୟକତା ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ମଧ୍ୟ ଆବଶ୍ୟକ। ପରିବାରକୁ ଉଚିତ ପରାମର୍ଶ ପ୍ରଦାନ କରିବାରେ ବରିଷ୍ଠ ନାଗରିକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସମାଜକୁ ସଠିକ୍ ମାର୍ଗଦର୍ଶନ ଦେବାରେ ମଧ୍ୟ ସେମାନଙ୍କ ଭୂମିକା ସେତିକି ମହତ୍ତ୍ୱପୂର୍ଣ୍ଣ। ବରିଷ୍ଠ ନାଗରିକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଆମେରିକା ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆଜିକାଲି ପିଲାମାନେ ପିତାମାତାଙ୍କୁ ବୋଝ ସଦୃଶ ମନେ କରି ବୃଦ୍ଧାଶ୍ରମରେ ଛାଡୁଥିବା ଖବର ସାମ୍ନାକୁ ଆସୁଛି। ଯେଉଁ ସମୟରେ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଉଚିତ, ସେବା କରିବା ଉଚିତ ସେହି ସମୟରେ ସନ୍ତାନମାନେ ସେମାନଙ୍କୁ ଅଣଦେଖା କରୁଛନ୍ତି। ଫଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣୁ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ହେଉଛି ଏହି ଦିବସର ତାତ୍ପର୍ଯ୍ୟ।



**ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ,**
**ଦୂରଭାଷ : ୮୭୬୩୧୦୭୧୨୬**
E-mail : hemanta123kumarparida@gmail.com

**ଅପେରା ଆଇଟମ୍**
ଶ୍ରୀଗୋବିନ୍ଦ

ଯାତ୍ରା କଥା:

## ତୁଳସୀର ଝଡ଼ ସୃଷ୍ଟିକଲା

# ଜହ୍ନରାତିର ଝଡ଼

ଚଳିତବର୍ଷ ତୁଳସୀରେ ଉଠିଛି ନୂଆ ଝଡ଼। ପୂର୍ବବର୍ଷ ଯେମିତି ଅଧାରାତିର ସାଥୀ ନାଟକକୁ ନେଇ ଚହଳ ସୃଷ୍ଟି କରିଥିଲା ଏ ବର୍ଷ ମଧ୍ୟ ପ୍ରଦୀପ ବେହେରାଙ୍କ ରଚନା ଓ ନିର୍ଦ୍ଦେଶନାରେ ଜହ୍ନରାତିର ଝଡ଼ ନାଟକ ସାରା ଓଡ଼ିଶାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ତୁଳସୀ ଗଣନାଟ୍ୟ ନାଟକକୁ ନେଇ ଯେଉଁଳି ସ୍ୱାତନ୍ତ୍ରତା ବଜାୟ ରଖିଥାଏ, ଦର୍ଶକଙ୍କୁ କେବେ ନିରାଶ କରେନି, ଏଥର ମଧ୍ୟ ସେହିଧାରା ବଜାୟ ବେଶ ଚର୍ଚ୍ଚାରେ ରହିଛି। ଏଥର ନାଟ୍ୟକାର/ନିର୍ଦ୍ଦେଶକ ପ୍ରଦୀପ ବେହେରା





ମଧ୍ୟ ପୂର୍ବବର୍ଷ ଭଳି ଚକମା ଦେଖାଇଛନ୍ତି। ସିରିଏଲ ଅଭିନେତା ଅଶ୍ୱିନୀ ଓ ସୋନାଲି ଏହି ନାଟକରେ ବେଶ ଦମଦାର ଅଭିନୟ କରିବା ସହ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ ଯୋଗାଇ ଦେଇଛନ୍ତି। ଚଳିତବର୍ଷ ତୁଳସୀର ଷ୍ଟାରକାଷ୍ଟରେ ରହିଛନ୍ତି ଅନେକ ଦମଦାର କଳାକାର। ଜୁଲି ପଣ୍ଡାଙ୍କ ସହ ନୀର ସ୍ୱାଇଁ, ଜୟଦୀପ୍, ଟୁନି-ପହଲି, ଦୀପକ ବୋଷ, ସନ୍ଦୀପ, ପୁଷ୍ପା, ରୋଜାଲିନ, ସୋଫିଆ, ମାମାଙ୍କ ସହ ଟୁନା କମେଡ଼ିଙ୍କୁ ନେଇ ଗଠିତ ଟିମ୍ ବେଶ୍ ଭଲ ପ୍ରଦର୍ଶନ କରୁଛନ୍ତି। ପ୍ରେମ ଓ ପାରିବାରିକ ଘଟଣାକୁ ଆଧାରି କରି ପ୍ରସ୍ତୁତ ହୋଇଥିବା ନାଟକରେ ଦର୍ଶକଙ୍କ ମନକୁ ଛୁଇଁବା ଭଳି କାହାଣୀ, ସଂଳାପ ସହିତ ଦମଦାର ଅଭିନୟ ଦର୍ଶକଙ୍କୁ ବାରମ୍ବାର ନାଟକଟି ଦେଖିବା ପାଇଁ ବାଧ୍ୟ କରୁଛି। ସାରା ଓଡ଼ିଶାରେ ଯେତିକି କ୍ୟାମ୍ପ ଏହା ମଧ୍ୟରେ ସରିଲାଣି, ସବୁଠି ହାଉସ୍ ଫୁଲ ଓ ଦର୍ଶକଙ୍କର ଡିମାଣ୍ଡ ମଧ୍ୟ ରହିଛି। ଏହି ନାଟକର ଗୀତ ନିଗମ ମିଶ୍ର କରିଥିବାବେଳେ ସଂଗୀତରେ ସଜାଇଛନ୍ତି ଏକନ। ନାଟ୍ୟକାର ପ୍ରଦୀପ ବେହେରାଙ୍କ ନାଟକରେ କିଛି ନାକିଛି ଚମକ ଦର୍ଶକ ଦେଖିବାକୁ ପାଇଥାନ୍ତି। ଚଳିତବର୍ଷ ପ୍ରସ୍ତୁତ କରିଥିବା ନାଟକ ଜହ୍ନରାତିର ଝଡ଼ କେବଳ ଦର୍ଶକଙ୍କୁ କେବଳ ମନୋରଞ୍ଜନ ଯୋଗାଇ ନାହିଁ, ଚହଳ ସୃଷ୍ଟି ହେଲା ପରି ନାଟକ। ସାରା ଓଡ଼ିଶାରେ ଏହି ନାଟକ ପୁଣିଥରେ ଝଡ଼ ସୃଷ୍ଟି କରିଛି। ଦର୍ଶକଙ୍କ ଅନୁରୋଧ କ୍ରମେ ଏକାଧିକ ରାତି ଗୋଟିଏ ଗୋଟିଏ ପେଣ୍ଡାଲରେ ମଞ୍ଚସ୍ଥ ହେଉଛି।

ପ୍ରଦୀପ ବେହେରାଙ୍କ ରଚନା ନିର୍ଦ୍ଦେଶନାରେ ମଧ୍ୟ ଏଥର ଅଶୋକ ସମ୍ରାଟରେ ପ୍ରସ୍ତୁତ ହୋଇଛି କଇଁ କଇଁ କାନ୍ଦେ କନକଗୋରୀ ଓ ନାଟ୍ୟ ସମ୍ରାଟ ପୃଥ୍ୱିରାଜରେ ଅମାବାସ୍ୟାର ଅତିଥି, ପ୍ରେମ ଏକ ମିଠା ଜହର। ଏହାପୂର୍ବରୁ ପ୍ରଦୀପ ଯାତ୍ରା ଜଗତକୁ ଅନେକ ହିଟ୍ ଦେଇ ଚର୍ଚ୍ଚାରେ ରହିଆସିଛନ୍ତି। ପ୍ରଦୀପଙ୍କ ଚର୍ଚ୍ଚିତ ନାଟକ ମଧ୍ୟରେ ରହିଛି ସାବିତ୍ରୀ କରୁଛି ସ୍ୱାମୀ ନିଲାମ, ଲକ୍ଷେ ଶିବ ପୂଜି ପାଇଛି ତୋତେ, ରାଧା ହଜିଗଲା ଅଧା ବାଟରେ, ସୀତା ଦେବେ ଆଜି ଅଗ୍ନିପରୀକ୍ଷା, ଦିନକ ପାଇଁ ମୁଁ ଦ୍ରୌପଦୀ ହେବି, କଣ କଲା ସେ, ପାକିସ୍ତାନୀ ଝିଅ ଭାରତବୋହୂ, ଶହେ ମାନସିକ ତୋରି ପାଇଁ, କନିଆଁ ସାଜିଛି କଣ୍ଢେଇ ରାଣୀ, ବାଲେଶ୍ୱର ବୋହୂ, ଏମିତି ମାଆକୁ ଶହେ ସଲାମ, ସଜନୀ ତୋ ବାଟ ରହିଛି ଚାହିଁ, ବାଦାମବାଡ଼ିର ରିକ୍ସାବାଲା, ଦେବଦାସୀ ହେବି ତୋରି ପାଇଁ ଭଳି ହିଟ୍ ନାଟକ।




ଜହ୍ନରାତିର ଝଡ଼ ନାଟକକୁ ନେଇ ପ୍ରଯୋଜକ ଅନନ୍ତ ନାରାୟଣ ଧଳ(ନାଣ୍ଟୁବାବୁ) ବେଶ ଆଶାବାଦୀ ଅଛନ୍ତି। ସେ କହିଛନ୍ତି, ନାଟକଟି ଦର୍ଶକଙ୍କ ମନକୁ ଛୁଇଁ ପାରିଥିବାରୁ ତାଙ୍କ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ କଳାକାରଙ୍କର ଶ୍ରମ ସାର୍ଥକ ହୋଇଛି। ନାଟ୍ୟକାର ତଥା ନିର୍ଦ୍ଦେଶକ ପ୍ରଦୀପ ବେହେରା କହିଛନ୍ତି-ଦର୍ଶକଙ୍କ ମନଲାଖି ନାଟକ ପ୍ରସ୍ତୁତ କରିବାକୁ କଳାକାରଙ୍କ ସହଯୋଗ ଯେତିକି ରହିଛି, ଦର୍ଶକମାନେ ମଧ୍ୟ ସାଦରେ ଗ୍ରହଣ କରିଛନ୍ତି। ଦର୍ଶକଙ୍କ ମନପସନ୍ଦକୁ ନାଟକଟି ଆସିଥିବାରୁ ସେ ନାଟକ ପଛରେ ରହିଥିବା କଷ୍ଟକୁ ଭୁଲି ପାରିଛନ୍ତି।


ମୃଣାଳ ଠାକୁର

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com